# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୩୦ ମାର୍ଚ୍ଚ ୨୦୨୬

----

**[ଅର୍ଥ - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ - ସଂସଦୀୟ ବ୍ୟାପାର - ସ୍ୱରାଷ୍ଟ୍ର - ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ମୁଖ୍ୟମନ୍ତ୍ରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା - 170**

----

### ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

**5555 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୧୦ ବର୍ଷ ମଧ୍ୟରେ ସରକାରୀ ନିୟମ ଉଲଘଂନ ଓ ଅଭିଯୋଗ କ୍ରମେ କେତେ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, Commissioner food Safety ଭୁବନେଶ୍ୱର ଓ କଟକ କାର୍ଯ୍ୟାଳୟରେ କେତେ ଜଣ Food safety officer କାର୍ଯ୍ୟରତ, ସେମାନଙ୍କ ମଧ୍ୟରୁ କେତେ ଜଣ ସରକାରଙ୍କ ନିୟମକୁ ପ୍ରଭାବ ବିସ୍ତାର କରି ବିଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ଭୁବନେଶ୍ୱର ଓ କଟକର ମୂଳବିଭାଗ ଏବଂ Deputationରେ ରହି ଆସିଛନ୍ତି, ଦୁର୍ନୀତିର ମୂଳପାଟନ ପାଇଁ ସରକାରୀ ନିୟମ କ୍ରମେ ୬ ବର୍ଷରୁ ଉର୍ଦ୍ଧ୍ୱ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କାର୍ଯ୍ୟରତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି ପ୍ରାବଧାନ ଥିବା ବେଳେ ଏହାର ଉଲଘଂନର କାରଣ କଣ ?

----

### ଜବର ଦଖଲ ଉଚ୍ଛେଦ

**5702 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜଧାନୀ ଭୁବନେଶ୍ୱରରେ କେତେ ପରିମାଣର ସରକାରୀ ଜମି କେଉଁ ସ୍ଥାନ ମାନଙ୍କରେ କାହା ଦ୍ୱାରା ଜବର ଦଖଲରେ ଅଛି, ତାର ହିସାବ ଦେବେ କି, ୨୦୨୪ ଜୁନ୍ ମାସଠାରୁ ଅଦ୍ୟାବଧି କେତେ ସରକାରୀ ଜମି କେଉଁ ସ୍ଥାନମାନଙ୍କରୁ ଜବରଦଖଲ ମୁକ୍ତ କରାଯାଇ ସରକାରୀ ଖାତାକୁ ଅଣାଯାଇଛି ଏବଂ କେଉଁ ସ୍ଥାନମାନଙ୍କରେ ଜବରଦଖଲ ଉଚ୍ଛେଦ ପରେ ମଧ୍ୟ ପୁନର୍ବାର ସେହି ସ୍ଥାନ ଗୁଡ଼ିକ ଦଖଲ କରାଯାଇଛି, ଏରିୟା/ୱାର୍ଡୱାରୀ ସରକାରୀ ଜମିର ପରିମାଣ, ଜବରଦଖଲ ଓ ଦଖଲମୁକ୍ତ ପରିମାଣର ସୂଚନା ପ୍ରଦାନ କରିବେ କି, ଖାଲିଥିବା ସ୍ଥାନ / ଜମି ଉପରେ ସରକାର କେଉଁଠାରେ କି ପ୍ରକାର କାର୍ଯ୍ୟାଳୟ/ ନିର୍ମାଣ କାର୍ଯ୍ୟ କରିବେ ?

----

## ଉପଖଣ୍ଡ ହସ୍ପିଟାଲରେ ICU Bed ସଂଖ୍ୟା

5850 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସରକାରୀ ଓ ବେସରକାରୀ ହସ୍ପିଟାଲ ସମେତ ମେଡ଼ିକାଲ କଲେଜରେ କେତେ ସଂଖ୍ୟକ ICU Bed ଉପଲବ୍ଧ ଅଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି, ରାଜ୍ୟର କେଉଁ କେଉଁ ଉପଖଣ୍ଡ ହସ୍ପିଟାଲ କେତେ ସଂଖ୍ୟାରେ ICU Bed ଅଛି, ଯଦି ନାହିଁ ଧର୍ମଗଡ଼ ସମେତ ଅନ୍ୟାନ୍ୟ ସରକାରୀ ହସ୍ପିଟାଲରେ ଗୁରୁତର ରୋଗୀଙ୍କ ନିମନ୍ତେ ଅତ୍ୟାବଶ୍ୟକୀୟ ଚିକିତ୍ସା ସୁବିଧା ପାଇଁ ICU Unit ଖୋଲିବା ପାଇଁ ପଦକ୍ଷେପ ନେବେ କି?

----

## ଡାକ୍ତରଙ୍କ ଅନୁପସ୍ଥିତ ଯୋଗୁଁ ସ୍ୱାସ୍ଥ୍ୟସେବା ପ୍ରଭାବିତ

5851 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟର ଶଜ୍ୟା ସଂଖ୍ୟା ୧୦୦ କୁ ବୃଦ୍ଧି କରିବା ପାଇଁ ସରକାର ପଦକ୍ଷେପ ନେବେ କି, ଉପଖଣ୍ଡ ଚିକିତ୍ସାଳୟରେ ଖାଲି ପଡ଼ିଥିବା ଡାକ୍ତର ସଂଖ୍ୟା କେତେ ଓ କେବେ ପୂରଣ ହେବ, ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ କେତେକ ବିଶେଷଜ୍ଞ ଡାକ୍ତର ଜାଣି ଶୁଣି ଡାକ୍ତରଖାନାରେ ନବସି ବାହାରେ Nursing Home, ଔଷଧ ଦୋକାନ ଓ କ୍ଲିନିକରେ ଚିକିତ୍ସା କରୁଥିବା ଅଭିଯୋଗ ସତ୍ୟ କି, ଏହି ଅଭିଯୋଗ ଉପରେ ସରକାରୀ ନିଯୁକ୍ତି ପାଇ ମଧ୍ୟ କର୍ତ୍ତବ୍ୟରେ ଅବହେଳାର କାରଣ କଣ, ଏହି ଡାକ୍ତରଙ୍କ ଅନୁପସ୍ଥିତ ଯୋଗୁଁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଛି କି, ଏହାନେଇ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଉଛି ତାର ଏକ ତଥ୍ୟ ପ୍ରଦାନ କରିବେକି, ବହୁ ଦିନ ଧରି ରହିଥିବା କର୍ମଚାରୀ ଓ ଡାକ୍ତରଙ୍କ ଜିଲ୍ଲା ମଧ୍ୟରେ ଅଦଳ ବଦଳ କରି ବ୍ୟବସ୍ଥାକୁ ସୁଧାରିବେ କି ?

----

## ଓଡ଼ିଶାରେ ଥିବା ସାମୁଦ୍ରିକ ଥାନା

5852 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡ଼ିଶାରେ କେତେଗୋଟି ସାମୁଦ୍ରିକ ଥାନା ଅଛି, ଏହା ଅଧୀନରେ କେତେଗୋଟି home guard, ହାବିଲଦାର, IIC, SDPO, DSP post sanction ଅଛି, ସେଥିମଧ୍ୟରୁ ଅଦ୍ୟାବଧି କେତେ ପୋଷ୍ଟ ପୂରଣ ହୋଇଛି ଏବଂ କେତେଗୋଟି ବର୍ତ୍ତମାନ ପର୍ଯ୍ୟନ୍ତ ଖାଲି ରହିଛି ତାହାର ତଥ୍ୟ ପ୍ରଦାନ କରିବେ କି, ଏହି ମର୍ମରେ ବାଲେଶ୍ୱର ଜିଲ୍ଲାରେ ଏହାର ପରିସଂଖ୍ୟାନ କଣ ରହିଛି, ନୂତନ ସରକାର ଗଠନ ହେବା ପରେ ଏହି ଥାନା ଗୁଡିକର ଭିତ୍ତିଭୂମିର ବିକାଶ ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଛି?

----

## ବାଲେଶ୍ୱର DHH ରେ Cardiologist ଡାକ୍ତର ନିଯୁକ୍ତି

5853 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ପ୍ରତ୍ୟେକ ଦିନ ଶହ ଶହ ରୋଗୀ ଚିକିତ୍ସା ହେଉଥିବା ବେଳେ ବିନା ହୃଦରୋଗ ବିଶେଷଜ୍ଞ ଡାକ୍ତରରେ DHH ଚାଲିବା ଉଚିତ୍ କି, ସାମାନ୍ୟ OT ପାଇଁ ମଧ୍ୟ Health advisory ଅନୁଯାୟୀ PAC clearance ହେଉନଥିବା ବେଳେ OT ରିସ୍କରେ କରାଯାଉଛି ବୋଲି ବିଭାଗ ପାଖରେ ଖବର ଅଛି କି, ଓଡ଼ିଶାରେ ସମସ୍ତ DHH ରେ Cardiologist vacancy position କଣ ଏବଂ DHH ଗୁଡିକରେ Cardio ସେବା ପାଇଁ ନିକଟବର୍ତ୍ତୀ Medical collegeରେ ଥିବା cardiologist ଡାକ୍ତରଙ୍କୁ adjoint ଡ୍ୟୁଟି ଦେବା ପାଇଁ ବିଭାଗ ନୀତିଗତ ନିଷ୍ପତ୍ତି ନେବେ କି?

----

## ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ଥିବା ଜନକଲ୍ୟାଣ ଔଷଧ କେନ୍ଦ୍ର

5854 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ସ୍ଥାନରେ ଜନକଲ୍ୟାଣ ଔଷଧ କେନ୍ଦ୍ର, ଆଲୋପାଥି, ହୋମିଓପାଥି ଓ ଆୟୁର୍ବେଦିକ ଔଷଧ ଦୋକାନ, ଯୋଗା କେନ୍ଦ୍ର ଓ ଫିଜିଓଥେରାପି କେନ୍ଦ୍ର ଅଛି, ଏହା କେଉଁ ବ୍ୟକ୍ତି ବା ସଂସ୍ଥା ଦ୍ୱାରା ସଂଚାଳିତ ହେଉଛି, ତାହାର ପୂର୍ଣ୍ଣାଙ୍ଗ ତାଲିକା ପ୍ରଦାନ କରିପାରିବେ କି, 'Medicine without Prescription' ବର୍ଗରେ କେଉଁ ଔଷଧଗୁଡ଼ିକ ଅନ୍ତର୍ଗତ, ଔଷଧ ଦୋକାନଗୁଡ଼ିକରେ ଔଷଧ ବିକ୍ରି ଓ ପ୍ରେସକ୍ରିପ୍ସନ୍‌ର କପି ପାଇଁ କିଛି ନିୟମ ରହିଛି କି ?

----

## ଡାକ୍ତରଙ୍କ Higher Studies ପାଇଁ ଅନୁମତି

5855 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Chitrakonda Constituency ଡାକ୍ତର ପଦବୀ ଖାଲି ଏବଂ ନିଯୁକ୍ତ ହେଇଛ ବର୍ଷୱରି ତଥ୍ୟ ପ୍ରଦାନ କରିବେ କି, ସରକାରୀ ଡାକ୍ତରଙ୍କ ସରକାରୀ ଚାକିରି ଛାଡ଼ିବାର ହାର କେତେ ରହିଛି ; ଏବଂ ବେସରକାରୀ ପ୍ରତି ଆକୃଷ୍ଟ ହେବାର କାରଣ କଣ, ଡାକ୍ତରମାନେ ଚାକିରିରେ ଯୋଗଦେବା ପରେ କେତେ ବର୍ଷ ପରେ Higher Studies ପାଇଁ Leave ପାଇଥାନ୍ତି, Higher Studies କରି ଫେରିବା ପରେ କେତେ ବର୍ଷ ଚାକିରି କରିବାକୁ ବାଧ୍ୟତାମୂଳକ ହୋଇଥାନ୍ତି ?

----

## OSMC ଦ୍ୱାରା କ୍ରୟ କରାଯାଇଥିବା ଔଷଧ ଓ ଯନ୍ତ୍ରପାତି

5856 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- OSMC (Odisha State Medical Corporation) ଦ୍ୱାରା 2023-24, 2024-25 ଓ 2025-26 ମସିହାରେ କ୍ରୟ କରାଯାଇଥିବା ଔଷଧ, ଯନ୍ତ୍ରପାତି ଓ ଯନ୍ତ୍ରାଂଶର ସଂସ୍ଥା, ମୂଲ୍ୟ, ମାତ୍ରା/ସଂଖ୍ୟା ଆଦିର ସବିଶେଷ ତଥ୍ୟ ପ୍ରଦାନ କରିପାରିବେ କି, ଯେଉଁ ଔଷଧଗୁଡ଼ିକ Quality Check ପାସ୍ କରିପାରିନଥିଲା, ସେଗୁଡ଼ିକର କ୍ରୟ, ଫେରସ୍ତ ଓ ବ୍ୟବହାର ସମ୍ବନ୍ଧୀୟ ସବିଶେଷ ତଥ୍ୟ ମଧ୍ୟ ପ୍ରଦାନ କରିପାରିବେ କି ?

----

## ICU ବେଡ଼ ସଂଖ୍ୟା ବୃଦ୍ଧି

5857 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବିଭିନ୍ନ ସରକାରୀ ହସ୍ପିଟାଲ ମାନଙ୍କରେ ଆବଶ୍ୟକତା ଅନୁଯାୟୀ ICU ବେଡ଼ ନଥିବା କାରଣରୁ ଗୁରୁତର ରୋଗୀଙ୍କୁ ଫେରାଇ ଦେଉଥିବା ସ୍ଥଳେ ଏହାର ପ୍ରତିକାର ପାଇଁ ସରକାର କେବେଠାରୁ ନିର୍ଦ୍ଦିଷ୍ଟଭାବେ କି କି ପ୍ରତିକାର ବ୍ୟବସ୍ଥା କରିଛନ୍ତି ଓ କେଉଁ ହସ୍ପିଟାଲରେ କେତେ ICU ବେଡ଼ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା କେତେରୁ କେତେକୁ ବୃଦ୍ଧି କରିଛନ୍ତି ; କେଉଁ ହସ୍ପିଟାଲରେ କେତେଗୋଟି ICU ବେଡ଼ କାର୍ଯ୍ୟକ୍ଷମ ରହିଛି, କେଉଁ କାରଣରୁ କେତେ ବେଡ଼ କାର୍ଯ୍ୟକ୍ଷମ ନାହିଁ ତାହା ପ୍ରକାଶ କରିବେ କି ; (ଖ) ICU ପରିଚାଳନା ପାଇଁ କେଉଁ କେଉଁ ବର୍ଗ ଓ ପ୍ରକାରର କେତେ ମାନବ ସମ୍ବଳ ଆବଶ୍ୟକତା ଥିବାବେଳେ କେତେ ଉପଲବ୍ଧ ଅଛନ୍ତି ?

----

## IIIT ରେ UG, PG, PhD ରେ ଥିବା ସିଟ୍ ସଂଖ୍ୟା

5858 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବେଶ୍ୱରସ୍ଥିତ IIIT ରେ କେଉଁ କେଉଁ ବିଭାଗ ରେ UG, PG, PhD ରେ କେତେ ଗୋଟି ସିଟ୍ ଅଛି, ଏଥିରେ ଛାତ୍ର ଛାତ୍ରୀ ଓ ଶିକ୍ଷକଙ୍କ ଅନୁପାତ କେତେ ରହିଛି, ଶିକ୍ଷକଙ୍କ ପଦବୀ ଓ ବିଭାଗୱାରୀ ଏକ ବିବରଣୀ ପ୍ରଦାନ କରିବେକି, ପ୍ରତି ବର୍ଷ କେତେ ଛାତ୍ର ଛାତ୍ରୀ ପାସ କରୁଛନ୍ତି ଓ ଗତ ୫ ବର୍ଷରେ କେତେ ଜଣ ଛାତ୍ର ଛାତ୍ରୀ ନାମ ଲେଖିଛନ୍ତି ଓ କେତେ ସିଟ୍ ଖାଲି ରହିଛି ଏହାର ଏକ ତୁଳାତ୍ମକ ବିବରଣୀ ବିଭାଗ ୱାରୀ ପ୍ରଦାନ କରିବେକି, ବର୍ତ୍ତମାନ ସୁଦ୍ଧା ମୋଟ୍ କେତେ ଛାତ୍ର ଛାତ୍ରୀ IIIT ରୁ ଗବେଷଣା କ୍ଷେତ୍ରରେ ଜାତୀୟ ବା ଆର୍ନ୍ତଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି ?

----

## ଆୟୁଷ୍ମାନ ଯୋଜନାରେ ରୋଗୀ ଚିକିତ୍ସା

5859 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଆୟୁଷ୍ମାନ ଯୋଜନା ଅଧୀନରେ ଚିକିତ୍ସା ପାଉଥିବା ସାଧାରଣ ଲୋକମାନେ ବିଭିନ୍ନ ହସ୍ପିଟାଲରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ; ହସ୍ପିଟାଲ କର୍ମଚାରୀଙ୍କ ସହିତ ଯୋଗାଯୋଗ କଲେ ସେମାନେ ଅନେକ ସମୟରେ ରୋଗୀଙ୍କ କଥାକୁ ଗୁରୁତ୍ୱ ଦେଉନାହାନ୍ତି ଏବଂ ହସ୍ପିଟାଲରେ ଥିବା ଆୟୁଷ୍ମାନ ଡେସ୍କରେ ବସୁଥିବା ଅଧିକାରୀମାନେ ମଧ୍ୟ ଯଥୋଚିତ ସମାଧାନ କରିପାରୁନାହାନ୍ତି ; ଏହି ପରିସ୍ଥିତିରେ ସାଧାରଣ ଲୋକମାନଙ୍କ ସୁବିଧା ପାଇଁ ଜିଲ୍ଲା ଭିତ୍ତିକ ଭାବେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ନାମ ଓ ଫୋନ ନମ୍ବର ସର୍ବଜନୀନ କରିବା ପାଇଁ ସରକାର କୌଣସି ପଦକ୍ଷେପ ନେବେ କି?

----

## ଭଣ୍ଡାରୀପୋଖରୀ CHC ରେ ଖାଲିଥିବା ଡାକ୍ତର ପଦବୀ ପୂରଣ

5860 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ CHC ଗୁଡିକରେ ଆବଶ୍ୟକତା ଅନୁଯାୟୀ ବହୁତ ଡାକ୍ତର ପଦ ଦୀର୍ଘଦିନ ଧରି ଖାଲି ପଡିଥିବା ସହିତ ପାରାମେଡିକାଲ୍ ଷ୍ଟାଫ୍ ମଧ୍ୟ ନାହାନ୍ତି ; ଯାହା ଫଳରେ ରୋଗୀ ସେବାରେ ଗୁରୁତର ବାଧା ସୃଷ୍ଟି ହେଉଛି ; ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ଡାକ୍ତର ପଦବୀ ସହିତ ଅନ୍ୟାନ୍ୟ ଖାଲି ପାରାମେଡିକାଲ୍ କର୍ମଚାରୀ ପଦବୀଗୁଡିକୁ ପୂରଣ କରିବା ପାଇଁ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ICU Bed ପାଇଁ ଡାଟାବେସ୍ ସିଷ୍ଟମ ଆରମ୍ଭ

5861 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ସରକାର କେଉଁ ହସ୍ପିଟାଲରେ କେତୋଟି ଆଇ.ସି.ୟୁ. ବେଡ୍ ଖାଲିଅଛି ବୋଲି ଜଣାପଡିବାକୁ ଏକ ଆଇ.ସି.ୟୁ ମ୍ୟାନେଜମେଣ୍ଟ ବା ଡାଟାବେସ୍ ସିଷ୍ଟମ ଆରମ୍ଭ କରିବା ପାଇଁ କୌଣସି ପଦକ୍ଷେପ ନେଇଛନ୍ତି କି ; ଯଦି ଏପରି କୌଣସି ବ୍ୟବସ୍ଥା ନଥାଏ, ତେବେ ଗୁରୁତର ରୋଗୀମାନେ ହସ୍ପିଟାଲରୁ ହସ୍ପିଟାଲ ଘୁରିବାକୁ ପଡୁଥିବା ସମସ୍ୟାକୁ ଦୂର କରିବା ପାଇଁ ସରକାର କୌଣସି ଯୋଜନା ବିଚାରାଧୀନ ରଖିଛନ୍ତି କି ; ଏହି ପ୍ରକାର ଏକ ଅନଲାଇନ୍ ବା ରିଅଲ୍-ଟାଇମ୍ ସିଷ୍ଟମ ରହିଲେ ସାଧାରଣ ଲୋକମାନେ ଆଇ.ସି.ୟୁ ବେଡ୍ ଖାଲିଥିବା ହସ୍ପିଟାଲ ବିଷୟରେ ଜାଣି ସିଧାସଳଖ ଭାବେ ସେଠାକୁ ଯାଇପାରିବେ ଏବଂ ଅନେକ ମୂଲ୍ୟବାନ ଜୀବନ ବଞ୍ଚିପାରିବ ; ଏହା ପାଇଁ ସରକାର କଣ କଣ ପଦକ୍ଷେପ ନେବେ?

----

### ସୋର CHC Level-III Trauma Care Centre ରେ ICU Bed ଉପଲବ୍ଧ

5862 **ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ)ଅଣତାରକାପ୍ରଶ୍ନ 2112,ତା. 09.03.2026 ର ଉତ୍ତରରେ ସୋରୋ CHC ଠାରେ Level-III Trauma Care Centre ରେ ICU bed ଉପଲବ୍ଧି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଅଛି ବୋଲି ସରକାର ଯେଉଁ ପ୍ରତିଶୃତି ଦେଇଥିଲେ ତାହା କେବେ ସୁଦ୍ଧା ଭାରତ ସରକାରଙ୍କ ନିୟମାବଳୀ ଅନୁସାରେ ସୋରୋ CHC Level-III Trauma Care Centre ରେ ICU bed ଯୋଗାଇଦିଆଯିବ ଏବଂ ଆବଶକୀୟ ଡାକ୍ତର, ଅନ୍ୟାନ୍ୟ ସ୍ୱାସ୍ଥ୍ୟ କାର୍ମଚାରୀ ପଦବୀ ପୂରଣ କରାଯିବ ଓ ଗତ 2 ବର୍ଷ ମଧ୍ୟରେ ସୋରୋ CHC କୁ ଦୁର୍ଘଟଣା ଜନିତ ଚିକିତ୍ସା ପାଇଁ କେତେ ଜଣ ସୋରୋ CHC କୁ ଆସିଛନ୍ତି ମାସ ୱାରୀ ତଥ୍ୟ ପ୍ରଦାନ କରିବେ କି ; ଉକ୍ତ ତଥ୍ୟ ଆଧାରରେ ଏକ ଦୁର୍ଘଟଣା ଜନିତଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ୱାର୍ଡ ଖୋଲିବା ସହିତ ଦୁର୍ଘଟଣା ଜନିତ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ପଦକ୍ଷେପ ନେବେ କି?

----

### ସୋର CHC ରେ ନିଶ୍ଚେତକ ଡାକ୍ତର ନିଯୁକ୍ତି

5863 **ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅଣତାରକା ପ୍ରଶ୍ନ 2110,ତା. 09.03.2026 ର ଉତ୍ତରରେ ସୋରୋ CHC ରେ ଜଣେ ନିଶ୍ଚେତକ ଡାକ୍ତର ଡେପୁଟେସନ ଆଧାରରେ କାର୍ଯ୍ୟରତ ଅଛନ୍ତି ତାଙ୍କ ଅନୁପସ୍ଥିତରେ ଜଣେ ନିଶ୍ଚେତକ ଡାକ୍ତରଙ୍କୁ ଆବଶ୍ୟକ ସ୍ଥଳେ ଡକାଯାଇଥାଏ ଓ ଗତ 2 ବର୍ଷର ତଥ୍ୟ ଆଧାରରେ 3590 ଜଣ ରୋଗୀ ମାତୃତ୍ୱ ଜନିତ ଚିକିତ୍ସା ପାଇଁ ସୋରୋ CHC କୁ ଆସିଛନ୍ତି ଏବଂ 162 ଜଣ ରୋଗୀ ଅନ୍ୟତ୍ର ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଛନ୍ତି ବୋଲି ସରକାର ଉତ୍ତର ରଖିଛନ୍ତି, ତେବେ ସୋରୋ CHC ରେ ଜଣେ ପୂର୍ଣ୍ଣକାଳୀନ ନିଶ୍ଚେତକ ଡାକ୍ତର କେବେ ଠାରୁ କାର୍ଯ୍ୟ କରିବେ ଏବଂ ଉପରୋକ୍ତ ମାତୃତ୍ୱ ଜନିତ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କ ତଥ୍ୟ ଆଧାର ରେ ସୋରୋ MCH ରେ ଆବଶକ୍ୟୟ staff nurse, ANM ସହିତ ଶିଶୁ ରୋଗ ସ୍ପେସିଆଲିଷ୍ଟ କେବେ ସୁଦ୍ଧା ପୋଷ୍ଟିଙ୍ଗ ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତି ନେଇଛନ୍ତି?

----

## ସ୍ୱଳ୍ପ ସଞ୍ଚୟ ଜମାକାରୀମାନେ ଲଟେରୀ କୁପନ୍ ପାଇବାର ବ୍ୟବସ୍ଥା

5864 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସ୍ୱଳ୍ପ ସଞ୍ଚୟ ଯୋଜନାରେ ରାଜ୍ୟରେ ଗତ 5ବର୍ଷ ମଧ୍ୟରେ କେତେ ଅର୍ଥ ସଂଗ୍ରହ ହୋଇଛି ; ଏହାର ଏକ ବର୍ଷୱାରୀ ଓ ଜିଲ୍ଲାୱାରୀ ତାଲିକା ଦେବା ସହିତ ସ୍ୱଳ୍ପ ସଞ୍ଚୟ ଜମାକାରୀମାନେ ସହଜରେ ନିଜର ଲଟେରୀ କୁପନ୍ ପାଇବାର କଣ ସବୁ ବ୍ୟବସ୍ଥା ରହିଛି ; ଏହି ଜମାକାରୀମାନଙ୍କୁ ଅନଲାଇନରେ ଲଟେରୀ କୁପନ୍ ପ୍ରଦାନ କରିବାର ବ୍ୟବସ୍ଥା କରିବେ କି?

----

## ରାଜ୍ୟରେ ଥିବା ଘରୋଇ ଡାକ୍ତରଖାନା ଓ ନର୍ସିଂ ହୋମ୍

5865 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେତୋଟି ଘରୋଇ ଡାକ୍ତରଖାନା ଓ ନର୍ସିଂ ହୋମ୍ ରହିଛି ଏବଂ କେତୋଟି ନର୍ସିଂ ହୋମର ନିଜସ୍ୱ ଘର ରହିଛି ଓ କେତୋଟି ଭଡାଘରେ ଚାଲୁଛି ; ଏହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ ସମେତ ରାଜଧାନୀ ଭୁବନେଶ୍ୱର ଓ କଟକରେ କେତୋଟି ନର୍ସିଂହୋମକୁ ଲୋକେ ବସବାସ କରୁଥିବା ଆପାର୍ଟମେଣ୍ଟରେ ଖୋଲିବାକୁ ଅନୁମତି ଦିଆଯାଇଛି ସେହିସବୁ ଘରୋଇ ଡାକ୍ତରଖାନା ଓ ନର୍ସିଂ ହୋମର ନାମ ଓ ଠିକଣା ପ୍ରଦାନ କରିବେ କି?

----

## ଆନନ୍ଦପୁର SDH ରେ କାର୍ଯ୍ୟରତ Outsourcing କର୍ମଚାରୀ

5866 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର SDH ରେ ଯେଉଁ 5 ଗୋଟି outsourcing ସଂସ୍ଥା ମାଧ୍ୟମରେ ୨୭ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି ଏବଂ କେଉଁ ସଂସ୍ଥା ମାଧ୍ୟମରେ କେତେଜଣ ନିୟୋଜିତ ଅଛନ୍ତି ସଂସ୍ଥାୱାରୀ ତାଲିକା ପ୍ରଦାନ କରିବେ କି ; କେଉଁ କେଉଁ କାର୍ଯ୍ୟରେ କାର୍ଯ୍ୟରତ ଏବଂ ଏମାନଙ୍କ ନାମ ଠିକଣା ପ୍ରଦାନ କରିବେ କି ; ଜିଲ୍ଲା ବାହାରୁ ନିୟୋଜିତ କରିବା ପାଇଁ ସରକାରଙ୍କର ନିୟମ ଅଛି କି?

----

## ଶାଳନିଆଁ CHC ରେ ଡାକ୍ତର ଅଭାବ

5867 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହି ବ୍ଲକର ଶାଳନିଆଁ CHC ଉପରେ ୪ ରୁ 10ଟି ପଞ୍ଚାୟତବାସି ନିର୍ଭର କରିବା ସହ ଭଦ୍ରକ ଜିଲ୍ଲାର ଲୋକ ମଧ୍ୟ ଏହା ଉପରେ ନିର୍ଭର କରନ୍ତି ବୋଲି ସରକାର ଜାଣିଛନ୍ତି କି ; ଶାଳନିଆଁ CHC ରେ 21 ଜଣ ଡାକ୍ତର ରହିବା ଜାଗାରେ ମାତ୍ର ୬ ଜଣ ଡାକ୍ତର କାର୍ଯ୍ୟରତ, ଯେଉଁ ୬ ଜଣ ଡାକ୍ତର ଅଛନ୍ତି ସେ ପୁଣି ପାଳି କରି ଆସିବା ସହ ସନ୍ଧ୍ୟା ହେଲେ କୌଣସି ଡାକ୍ତର CHC ରେ ରହୁନଥିବା କଥା ସାଧାରଣ ଲୋକ ଅଭିଯୋଗ କରି ଆସୁଛନ୍ତି ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ସହ ଡାକ୍ତର ନିଯୁକ୍ତି କରିବେ କି?

----

## ଖଣି ବିଭାଗର ବ୍ୟାପକ ଦୁର୍ନିତି

**5868 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାରଙ୍କ ଅଧିନରେ ଥିବା ଖଣି ବିଭାଗରେ ବ୍ୟାପକ ଦୁର୍ନୀତି ହୋଇଥିବା ଘଟଣା ସତ୍ୟ କି ; ଗତ ଦୁଇ ବର୍ଷ ମଧ୍ୟରେ ଖଣି ବିଭାଗରେ କେତେ ଜଣ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ହାତରେ ଧରା ପଡୁଛନ୍ତି ; ସେମାନଙ୍କଠାରୁ କେତେ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତି ଜବତ କରାଯାଇଛି ?

----

## ଖାଦ୍ୟର ମାନ ଯାଞ୍ଚ

**5869 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଖାଦ୍ୟ ସାମଗ୍ରୀର ବ୍ୟାପକ ଅନିୟମିତତା କରାଯାଉଥିବା ଘଟଣା ସତ୍ୟ କି ; ଖାଦ୍ୟରମାନ ଯାଞ୍ଚ କରିବା ପାଇଁ ମାନଦଣ୍ଡ କଣ ରହିଛି ;ଗତ ଦୁଇ ବର୍ଷ ମଧ୍ୟରେ କେଉଁ କେଉଁ ସ୍ଥାନରେ Enforcement ସ୍କ୍ୱାର୍ଡ଼ ଚଢାଉ କରି କି ପଦକ୍ଷେପ ଗ୍ରହଣ କରିଛି?

----

## ସରକାରୀ ଡ଼ାକ୍ତରଖାନାରେ ଖାଲିଥିବା ମଞ୍ଜୁରପ୍ରାପ୍ତ ପଦବୀ

**5870 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବିଭିନ୍ନ ସରକାରୀ ଡ଼ାକ୍ତରଖାନା ମାନଙ୍କରେ କେତେ ଗୋଟି ମଞ୍ଜୁରପ୍ରାପ୍ତ ପଦବୀ ଥିବାବେଳେ ତନ୍ମଧ୍ୟରୁ କେତେ ପଦବୀ ଖାଲି ଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଛି, ଏହି ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୋଜନ ନିମନ୍ତେ କେବେ ପ୍ରତିଯୋଗୀତାମୂଳକ ପରୀକ୍ଷା ହୋଇଥିଲା, ଏହି ପରୀକ୍ଷା ଫଳ ପ୍ରକାଶନର ସ୍ଥିତି କଣ ପ୍ରକାଶ କରି ସମସ୍ତ ଚତୁର୍ଥଶ୍ରେଣୀ କର୍ମଚାରୀ ମାନଙ୍କ ପଦବୀକୁ ଏକତ୍ରୀକରଣ କରି ସ୍ୱାସ୍ଥ୍ୟ ସେବକମାନେ ନାମିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଅଧିକ ICU Bed ପାଇଁ ପଦକ୍ଷେପ

**5871 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଶ୍ରୀରମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହସ୍ପିଟାଲରେ କେଉଁ ବିଭାଗରେ କେତେ ଶଯ୍ୟା ବିଶିଷ୍ଟ ICU ସୁବିଧା ଉପଲବ୍ଧ ଅଛି, ରୋଗୀମାନଙ୍କ ସଂଖ୍ୟାବୃଦ୍ଧିକୁ ଲକ୍ଷ କରି ଅଧିକ ICU ଖୋଲିବା ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା

**5872 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ କେତେ ଭୋଟର କେଉଁ କାରଣ ପାଇଁ ବାଦ ପଡିଛନ୍ତି ଏବଂ କେତେ ନୂତନ ଭୋଗର ସଂଯୋଗ ପାଇଁ ଆବେଦନ କରିଛନ୍ତ ତାର ଜିଲ୍ଲାୱାରୀ ଏକ ତାଲିକା ପ୍ରଦାନ କରିବା ସହ କଟକ ଜିଲ୍ଲାର କେଉଁ ବ୍ଲକ୍‌ରେ କେତେ ନୂତନ ଭୋଟର ଯୋଗଦାନ ପାଇଁ ଆବେଦନ କରିଛନ୍ତି ଏବଂ କେତେ ଭୋଟର କେଉଁ କାରଣ ପାଇଁ ବାଦ୍ ପଡିବେ ତାର ଏକ ବ୍ଲକ୍‌ୱାରୀ ତାଲିକା ଦେବାସହ ପୂର୍ବବର୍ଷ ଅପେକ୍ଷା କେତେ ବର୍ଦ୍ଧିତ ହାର ରହିବ ତାର ଏକ ତୁଳନାତ୍ମକ ବିବରଣୀ ଉପସ୍ଥାପନା କରିବେ କି ?

----

## ମାଓବାଦି ଦ୍ୱାରା ମୃତ୍ୟୁବରଣ କରିଥିବା ପରିବାରକୁ ସହାୟତା ପ୍ରଦାନ

**5873 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ମାଓ ପ୍ରବଣତା ଜିଲ୍ଲାରେ ପୋଲିସକୁ ସୂଚନା ଦେଉଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟର ଅଦ୍ୟାବଧି କେତେ ଜଣ କେଉଁ ଜିଲ୍ଲାରେ ମାଓବାଦୀଙ୍କ ଦ୍ୱାରା ହତ୍ୟା ହୋଇ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କର ନାମ ଓ ଠିକଣା ସହ ସବିଶେଷ ବିବରଣୀ ପ୍ରଦାନ କରିବେ କି ; (ଖ) ମୃତ୍ୟୁବରଣ କରିଥିବା ପରିବାରକୁ ସରକାରଙ୍କ ତରଫରୁ କି କି ସହାୟତା ପ୍ରଦାନ କରାଯାଇଛି, ସେମାନଙ୍କର ନାମ ସହ ସହାୟତାର ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ; ମାଓବାଦୀଙ୍କ ଦ୍ୱାରା ଆକ୍ରମଣରେ ମୃତ୍ୟୁବରଣ କରିଥିବା ସୂଚନାଦାତା ବା informer ମାନଙ୍କ ପରିବାରରୁ ଜଣଙ୍କୁ ପୋଲିସରେ ନିଯୁକ୍ତି ଦେବାର ପଦକ୍ଷେପ ନେବେ କି ?

----

## ସାରସକଣା CHC ଓ PHC ରେ ଖାଲିଥିବା ଡ଼ାକ୍ତର ପଦବୀ

**5874 ଶ୍ରୀ ଭାଦବ ହାଁସଦାଃ (ସାରସକଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାରସକଣା ନିର୍ବାଚନ ମଣ୍ଡଳୀରେ ଥିବା CHC ଓ PHC ମାନଙ୍କରେ କେତୋଟି ଡ଼ାକ୍ତର ଓ ଅନ୍ୟାନ୍ୟ ପଦବୀ ଖାଲି ଅଛି କେବେ ସୁଦ୍ଧା ଖାଲି ଥିବା ପଦବୀ ପୂରଣ କରାଯିବ?

----

## ନୂତନ ଫାଣ୍ଡି ନିର୍ମାଣ ପାଇଁ ପ୍ରସ୍ତାବ

5875 **ଶ୍ରୀ ଭାଦବ ହାଁସଦାଃ (ସାରସକଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସାରସକଣା ନିର୍ବାଚନ ମଣ୍ଡଳୀର ଦୁଇଟି ବ୍ଲକରେ ଫାଣ୍ଡିର ଆବଶ୍ୟକ ଅଛି ଯଥା -ପାକଟିଆ ଓ ଝଞ୍ଜାଜଳ ବ୍ଲକର ଚଟେଇ ପାଇତିଠାରେ ଫାଣ୍ଡି ପାଇଁ ସ୍ଥାପନ କରିବେ କି ?

----

## ଆୟୁଷ ବିଭାଗ ଦ୍ୱାରା ଔଷଧ କିଣା

5876 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ୧୦ ବର୍ଷରେ ଆୟୁଷ ବିଭାଗ ଦ୍ୱାରା ଔଷଧ କ୍ରୟ, ନିର୍ମାଣ ଓ ଭବନ ନିର୍ମାଣ ସମ୍ବନ୍ଧୀୟ ସ୍ଥାନ, ସଂସ୍ଥା/ଏଜେନ୍ସି ଓ ଖର୍ଚ୍ଚର ସବିଶେଷ ତଥ୍ୟ ପ୍ରଦାନ କରିପାରିବେ କି?

----

## Free Medicineର ଅପବ୍ୟବହାର

5877 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡ଼ା ଏବଂ କୋରାପୁଟ ଜିଲ୍ଲାକୁ ପ୍ରେରିତ ଔଷଧମାନଙ୍କ କେଉଁ CHC ରୁ କେତେ Expiry Medicine Return ହୋଇଥିଲା ଓ ସେଗୁଡ଼ିକ Expiry ପରେ କିପରି ନଷ୍ଟ କରାଯାଇଛି ?

----

## Shortage of doctors & specialist

5878 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) whether the Government is aware of the shortage of doctors, specialists and paramedical staff in the District Headquarters Hospital, CHCs and PHCs of Balangir district; (b) whether adequate facilities such as ICU beds, dialysis units, ambulances under the 108 Ambulance Service and essential medicines are available in Government hospitals; and (the steps taken by the Government during the last three years to strengthen healthcare infrastructure and improve medical services in the district?

----

## ବିଚାରାଧିନ ଥିବା ଭିଜିଲାନ୍ସ କେଶ

5879 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଚଳିତବର୍ଷ ଏପର୍ଯ୍ୟନ୍ତ ମୋଟ କେତୋଟି ଭିଜିଲାନ୍ସ ଚଢ଼ାଉ ହୋଇଛି, କେତୋଟି ବେଆଇନ ଗଚ୍ଛିତ ଧାନ ସମ୍ପତ୍ତି ଜବତ ହୋଇଛି, କେତୋଟି ଦଣ୍ଡବିଧାନ ହୋଇ ତାହା ବ୍ୟାଜ୍ୟାପ୍ତ ହୋଇଛି, କେତୋଟି ବିଚାରାଧିନ ଅଛି?

----

## ଜଳେଶ୍ୱର ହସ୍ପିଟାଲର କର୍ମଚାରୀମାନଙ୍କ ପାଇଁ ଥିବା ବାସଗୃହ

5880 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଳେଶ୍ୱର ଜି.କେ. ଭଞ୍ଜର ହସ୍ପିଟାଲରେ ସମୁଦାୟ କେତୋଟି କର୍ମଚାରୀ ବାସଗୃହ ଅଛି ଏବଂ କେଉଁ Typeର, ଶେଷ ମରାମତି କେବେ ହୋଇଥିଲା, ଏଥିରୁ କେତେ ବାସଗୃହ ବସବାସ କରିବାକୁ ଅନୁପଯୁକ୍ତ ହୋଇଛି, ଏ ସଂକ୍ରାନ୍ତରେ ବିଭାଗରେ କୌଣସି ରିପୋର୍ଟ ହସ୍ତଗତ ହୋଇଛି କି, ହୋଇଥିଲେ ଏପରି ରିପୋର୍ଟ କିଏ ଦାଖଲ କରିଛନ୍ତି ଏବଂ Action Taken କଣ, RKS ବୈଠକରେ ଏନେଇ ବାରମ୍ବାର ଆଲୋଚନା କରାଯାଇ ପ୍ରସ୍ତାବ ଜିଲ୍ଲା ଚିକିତ୍ସାଳୟ କାର୍ଯ୍ୟାଳୟରେ CDMOଙ୍କ ଅନ୍ତଗତ ହୋଇଥିଲେ ହେଁ ପଦକ୍ଷେପ ନେଉନଥିବା କାରଣ କଣ ?

----

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି

5881 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଜୁନ ୨୦୨୪ ଠାରୁ ଅଦ୍ୟାବଧି କେଉଁ କେଉଁ ଅବସରପ୍ରାପ୍ତ ଅଧିକାରୀ ମାନଙ୍କୁ କେଉଁ କେଉଁ ସ୍ଥାନରେ କି କି ପଦବୀରେ କେତେ କେତେ ଅବଧିପାଇଁ ନିଯୁକ୍ତି ନେଇଛନ୍ତି ?

----

## ଖାଲି ପଡ଼ିଥିବା ପଦବୀ ପୂରଣ

5882 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ କେଉଁ କେଉଁ ବିଭାଗରେ କେତେ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ପଦବୀ ଅଛି ଓ ତନ୍ମଧ୍ୟରୁ ସେହି ସେହି ବିଭାଗରେ କେତେ କେତେ ସଂଖ୍ୟକ ପଦବୀ ପୂରଣ ନ ହୋଇ ଖାଲି ପଡ଼ିଛି; (ଖ) ଖାଲି ପଡ଼ିଥିବା ପଦବୀଗୁଡ଼ିକର ୧୦୦ ପ୍ରତିଶତ ପୂରଣ ନିମନ୍ତେ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି କହିବେ କି ?

----

## ସରକାରୀ କର୍ମଚାରୀମାନଙ୍କ ମାନଙ୍କ ଉପରେ ଆକ୍ରମଣ

5883 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୨୦୨୪ - ୨୦୨୫ ଓ ୨୦୨୫ - ୨୦୨୬ ବର୍ଷ ସରକାରୀ କର୍ମଚାରୀମାନଙ୍କ ଉପରେ କେତେଗୋଟି ଆକ୍ରମଣ ଓ ଦୁର୍ବ୍ୟବହାର ଘଟଣା କେଉଁ କେଉଁ ସ୍ଥାନରେ ଘଟିଅଛି ଏବଂ ଆକ୍ରମଣକାରୀ/ଗଣ୍ଡଗୋଳକାରୀଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି ?

----

## ଖାଲିଥିବା ପଦବୀ ପୂରଣ କରିବା ପାଇଁ ପଦକ୍ଷେପ

5884 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ଶ୍ରେଣୀର ସରକାରୀ ପଦବୀରେ କେତେସ୍ଥାନ ଖାଲି ରହିଅଛି ଏବଂ ତାହା ପୂରଣ କରିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି, ଅବସରପ୍ରାପ୍ତ କେତେ କର୍ମଚାରୀଙ୍କୁ ସରକାର ପୁନଃ ନିଯୁକ୍ତି ଦେଉଛନ୍ତି ବା ଦେବାର ପ୍ରସ୍ତାବ ରଖିଛନ୍ତି, କାରଣ ସହ ତା'ର ଏକ ପୂର୍ଣ୍ଣ ବିବରଣୀ ଦେବେ କି ?

----

## NITI Aayog Fiscal Health Index

5885 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Odisha recently ranked No.1 in the NITI Aayog Fiscal Health Index, what indicators were used for this ranking and how does the government reconcile this with the increase in fiscal deficit and liabilities during 2025-26 ?

----

## Proposed implementation of Ayushman Bharat Mission

5886 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- the government has proposed implementing the Ayushman Bharat Digital Mission and expanding medical education seats, What is the timeline for statewide digital health record implementation and how many hospitals are currently integrated into the system ?

----

## ସ୍ୱାସ୍ଥ୍ୟକେନ୍ଦ୍ରରେ ଖରାପ ହୋଇଥିବା Machine ଚଳାଇବା

5887 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ Medical Instrument ଗୁଡିକ କେଉଁ କେଉଁ କମ୍ପାନୀମାନେ ଯୋଗାଉଛନ୍ତି ଓ ସେସବୁର maintenance ଦାୟିତ୍ୱ କେଉଁ ସଂସ୍ଥା ନେଉଛନ୍ତି, ଅଧିକାଂଶ machine ଗୁଡିକ Medical College ମାନଙ୍କରେ ଓ ବଡ ବଡ Hospital ମାନଙ୍କରେ ବହୁ ମେସିନ୍ ଖରାପ ରହୁଛି ରୋଗୀମାନେ ଘରୋଇ ସଂସ୍ଥାରେ ନିଜର ପରୀକ୍ଷା କରାଉଥିବାରୁ ଖର୍ଚ୍ଚାନ୍ତ ହେଉଥିବାର ସରକାର ସବୁ machine ଚଳାଇବା ପାଇଁ ଆବଶ୍ୟକ ସଂଖ୍ୟକ trained person ରଖିବେ କି ?

----

## Vigilance ବିଭାଗ ନିଜଆଡୁ ମାମଲା କରିବା

5888 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ vigilance ନିଜ ଆଡୁ କେବେ କେତୋଟି ଘଟଣାରେ ଅନ୍ୟ କାହାକୁ ସୂଚନା ନ ପାଇ ରେଡ୍ କରିଛନ୍ତି କି, ଗତ 2024 June 12 ତାରିଖଠାରୁ ଆଜିପର୍ଯ୍ୟନ୍ତ vigilance କେତୋଟି ଘଟଣାରେ ନିଜଆଡୁ କେତେ ଘର ରେଡ୍ କରି କେତେ ପରିମାଣର ଆୟ ବର୍ହିଭୂତ ସମ୍ପତ୍ତି ଜବତ କରିଛି ?

----

## Gem ମାଧ୍ୟମରେ ଖୋଲା ଟେଣ୍ଡର ମାଧ୍ୟମରେ କ୍ରୟ

5889 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୧ ମସିହା ଠାରୁ ଆଜି ପର୍ଯ୍ୟନ୍ତ NHM ବିଭାଗ ପକ୍ଷରୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ସମସ୍ତ ଚିକିତ୍ସାଳୟ ବାବଦରେ କେଉଁ କେଉଁ ସାମଗ୍ରୀ ବା ଉପକରଣ, ଔଷଧୀୟ ପତ୍ର ଏବଂ ଅନ୍ୟାନ୍ୟ ବସ୍ତୁ କେଉଁ ତାରିଖରେ କେତେ ମୂଲ୍ୟର Gem ମାଧ୍ୟମରେ ନା ଖୋଲା ଟେଣ୍ଡର ମାଧ୍ୟମରେ କ୍ରୟ କରାଯାଇଛି, ଟେଣ୍ଡର କେଉଁ ଯୋଗାଣ ସଂସ୍ଥାକୁ କେତେ ମୂଲ୍ୟରେ କ୍ରୟ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି ?

----

## AVD ମାଧ୍ୟମରେ ଟିକା କେନ୍ଦ୍ରରେ ପହଞ୍ଚାଇବା

5890 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେତୋଟି ବ୍ଲକରେ ବର୍ତ୍ତମାନ ସୁଦ୍ଧା 'ଅଲଟର୍ନେଟ୍ ଭ୍ୟାକ୍ସିନ୍ ଡେଲିଭରୀ' (AVD) ମାଧ୍ୟମରେ ଟୀକା କେନ୍ଦ୍ରରେ ପହଞ୍ଚାଯାଉଛି, ତାହାର ଏକ ଜିଲ୍ଲାୱାରୀ ତାଲିକା ସରକାର ପ୍ରଦାନ କରିବେ କି, (କ) ରାଜ୍ୟର ଅନେକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ତରରେ ଉପଯୁକ୍ତ 'କୋଲ୍ଡ ଚେନ୍' ବ୍ୟବସ୍ଥା ନଥିବାରୁ ପୋଲିଓ ଓ ଅନ୍ୟାନ୍ୟ ଜୀବନ ରକ୍ଷାକାରୀ ଟୀକାର ଗୁଣବତ୍ତା ପ୍ରଭାବିତ ହେବା ସହ ANM ମାନେ ଏହା ସଂଗ୍ରହ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ସରକାର ଜାଣନ୍ତି କି, ଏହି ସମସ୍ୟାର ସମାଧାନ ପାଇଁ ସରକାର ସମସ୍ତ ଉପକେନ୍ଦ୍ର ସ୍ତରରେ ନୂତନ କୋଲ୍ଡ ଚେନ୍ ପଏଣ୍ଟ ସ୍ଥାପନ କିମ୍ବା AVD ବ୍ୟବସ୍ଥାର ସମ୍ପ୍ରସାରଣ ପାଇଁ କୌଣସି ଯୋଜନା ରଖିଛନ୍ତି କି ? (ଖ) ଯଦି ହଁ, ଏହି ନୂତନ ବ୍ୟବସ୍ଥା ପାଇଁ ଚଳିତ ଆର୍ଥିକ ବର୍ଷରେ କେତେ ଅର୍ଥ ବ୍ୟୟବରାଦ ହୋଇଛି ଏବଂ କେଉଁ ସମୟସୀମା ମଧ୍ୟରେ ଏହା ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେବ ?

----

## ହରିଶ୍ଚନ୍ଦ୍ର ସହାୟତା ଯୋଜନା

5891 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- "ହରିଶ୍ଚନ୍ଦ୍ର ସହାୟତା ଯୋଜନା"ରେ ଦରିଦ୍ର ପରିବାରର ସଦସ୍ୟଙ୍କ ଶବ ସତ୍କାର କିମ୍ବା ଅଚିହ୍ନା ଶବ ସତ୍କାର ପାଇଁ ଚଳିତ ଆର୍ଥିକ ବର୍ଷରେ (୧୩ ମାର୍ଚ୍ଚ ୨୦୨୬ ସୁଦ୍ଧା) ରାଜ୍ୟର କେତେ ଜଣ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ହୋଇଛି, (କ) ଚଳିତ ଆର୍ଥିକ ବର୍ଷରେ (୧୩ ମାର୍ଚ୍ଚ ୨୦୨୬ ସୁଦ୍ଧା) ବଡ଼ମ୍ବା ନିର୍ବାଚନ ମଣ୍ଡଳୀରେ କେତେ ଜଣ ହିତାଧିକାରୀଙ୍କୁ "ହରିଶ୍ଚନ୍ଦ୍ର ସହାୟତା ଯୋଜନା"ରେ ସାମିଲ କରାଯାଇଛି, ତାହାର ତଥ୍ୟ ପଞ୍ଚାୟତୱାରୀ ପ୍ରଦାନ କରିବେ କି ?

----

## ଆୟୁଷ୍ମାନ ଭାରତ ଦ୍ୱାରା ରୋଗୀ ଚିକିତ୍ସା

5892 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ଆର୍ଥିକ ବର୍ଷରେ ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ବେସରକାରୀ ହସ୍ପିଟାଲ୍‌ମାନଙ୍କୁ କେତେ ରୋଗୀ ଚିକିତ୍ସା ପାଇଛନ୍ତି ; (ଖ) ଏହି ରୋଗୀମାନଙ୍କ ଚିକିତ୍ସା ପାଇଁ ସରକାରଙ୍କ ତରଫରୁ ସମୁଦାୟ କେତେ ଟଙ୍କା ବ୍ୟୟ କରାଯାଇଛି, ହସ୍ପିଟାଲ୍ ଭିତ୍ତିକ (Hospital-wise) ରୋଗୀ ସଂଖ୍ୟା ଓ ଖର୍ଚ୍ଚ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ଦେବେ କି, ଉକ୍ତ ଯୋଜନା ଅନୁଯାୟୀ ବେସରକାରୀ ହସ୍ପିଟାଲ୍‌ମାନେ ଲୋକମାନଙ୍କୁ ସଠିକ୍ ଭାବରେ ସେବା ପ୍ରଦାନ କରୁଛନ୍ତି କି ନାହିଁ, ତାହା ସରକାର କିପରି ଯାଞ୍ଚ (Verification / Audit) କରୁଛନ୍ତି, ଚିକିତ୍ସା ପାଇଥିବା ଲୋକମାନଙ୍କ ପାଖରୁ ମତାମତ (Feedback) ସଂଗ୍ରହ କରାଯାଉଛି କି ?

----

## ଖୋଲା ସ୍ଥାନରେ ମଦ୍ୟପାନ କରୁଥିବା ବ୍ୟକ୍ତି ଉପରେ କାର୍ଯ୍ୟାନୁଷ୍ଠାନ

5893 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ରାଜଧାନୀ ଭୁବନେଶ୍ୱର, କଟକ ସହିତ ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ରାତ୍ର, ସଂଧ୍ୟା ସମୟରେ କିଛି ବ୍ୟକ୍ତି ଖୋଲା ପଡିଆରେ ଖଟି କରି ମଦ୍ୟପାନ କରୁଥିବା ଓ ଏହି ମଦ୍ୟପାନ ଯୋଗୁଁ ହତ୍ୟାକାଣ୍ଡ ଆଦି ଜଘନ୍ୟ ଅପରାଧ ସଂଘଟିତ ହେଉଥିବା ପରିପ୍ରେକ୍ଷୀରେ ଖୋଲାପଡିଆ, ନଦୀକୂଳ, ରାସ୍ତା ପାର୍ଶ୍ୱରେ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

----

## ନାବାଳକ, ନାବାଳିକା, ମହିଳା ନିଖୋଜ

5894 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରୁ ବିଗତ ପାଞ୍ଚ ବର୍ଷରେ କେଉଁ ଥାନା ଅଧୀନରୁ କେତେ ଜଣ ନାବାଳକ, ନାବାଳିକା, ମହିଳା ଓ ପୁରୁଷ ନିଖୋଜ ହୋଇଥିବାବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ଉଦ୍ଧାର କରଯାଇଛି, କେତେ ଜଣ ଉଦ୍ଧାର ହୋଇନାହାଁନ୍ତି ସେମାନଙ୍କୁ ଉଦ୍ଧାର ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## ବେତନ ତାରତମ୍ୟ ହ୍ରାସ ପାଇଁ ପଦକ୍ଷେପ

5895 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କାର୍ଯ୍ୟରତ MBBS, ଡାକ୍ତରମାନଙ୍କ ତୁଳନାରେ BHMS, BAMS ଡାକ୍ତରମାନଙ୍କ ବେତନରେ ତାରତମ୍ୟ ଥିବାରୁ ଏହି ବେତନର ତାରତମ୍ୟ ହ୍ରାସ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଉଦ୍ଦେଶ୍ୟମୂଳକ ଭାବେ Proceeding draw

5896 **ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡିଶା ପୋଲିସ ବେତାର ବିଭାଗରେ ବେନିୟମ ତଥା ଉଦ୍ଦେଶ୍ୟମୂଳକ ଭାବେ Proceeding draw କରିବା ଦ୍ୱାରା କର୍ମଚାରୀମାନେ ପଦୋନ୍ନତିରୁ ବଞ୍ଚିତ ହେବା ସହିତ ମାନସିକ ନିର୍ଯ୍ୟାତନା ଭୋଗୁଥିବା ଓ କୋର୍ଟ କଚେରୀ ଦୌଡୁଥିବା ଯୋଗୁଁ ମାନ୍ୟବର ହାଇକୋର୍ଟଙ୍କ WPC No. 6716/2026 ର ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ପାଇଁ ଓ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏତାଦୃଶ କାର୍ଯ୍ୟ ବିରୁଦ୍ଧରେ ରାଜ୍ୟ କି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି?

----

## ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ

5897 **ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡିଶା ପୋଲିସ ବେତାର ବିଭାଗର ଭୁବନେଶ୍ୱର ଓ କଟକରେ ଅବସ୍ଥାପିତ ନିର୍ଯ୍ୟାତିତ ମହିଳା କର୍ମଚାରୀଙ୍କ ଅଭିଯୋଗ ଉପରେ ଅଭିଯୁକ୍ତଙ୍କ ଉପରେ ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ସରକାର ଜାଣିଛନ୍ତି କି, ICC ଦ୍ୱାରା ଅଭିଯୋଗ ତଦନ୍ତ କରାନଯିବା କାରଣ ସମ୍ପର୍କରେ ଜଣାଇବେ କି, ଅଭିଯୁକ୍ତଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏବଂ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନ ନିଆଯିବା ସମ୍ପର୍କରେ ଜଣାଇବା ସହିତ ଅଭିଯୋଗକାରିଣୀ ଓ ସାକ୍ଷୀ ମାନଙ୍କୁ ବାରମ୍ବାର ବଦଳି କରାଯିବା ପରୀପ୍ରେକ୍ଷୀରେ ରାଜ୍ୟ ସରକାର କଣ ପଦକ୍ଷେପ ନେଇଛନ୍ତି ?

----

## ସୋରଡା ଠାରେ ନୂତନ ଆଦର୍ଶ ଥାନା ପ୍ରତିଷ୍ଠା

**5898 ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ନୂତନ ଆଦର୍ଶ ଥାନା (Model Police Station) ପ୍ରତିଷ୍ଠା କରିବା ପାଇଁ ସରକାରଙ୍କର କଣ କଣ ନିୟମ ଅଛି, ରାଜ୍ୟରେ କେତୋଟି ଆଦର୍ଶ ଥାନା ଅଛି ଗଞ୍ଜାମ ଜିଲ୍ଲା ସୋରଡା Police Station ଏକ ପୁରାତନ Police Station ଅନେକ ସମୟରେ ଏଠାରେ ଅନେକ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥାଏ, ସମସ୍ତ କଥାକୁ ବିଚାର କରି ସୋରଡା ଠାରେ ଏକ ନୂତନ ଆଦର୍ଶ ଥାନା କରିବାପାଇଁ ପଦକ୍ଷେପ ନେବେ କି ?

----

## Fill the Vacancies & Enhance Patrolling in Pilgrim-Heavy Satyabadi

**5899 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- What specific upgrades for Satyabadi and Kanas police stations (Puri district) under 2026-27 funds address recent fatal attacks on locals near thana premises, can the govt. police reforms using Budget boosts to fill vacancies and enhance patrolling in pilgrim-heavy Satyabadi, reversing previous govt. collapsed policing amid rising murders and women torture (up 8% nationally comparable) ?

----

## RMNCH+A progress metrics deliveries

**5900 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- With NHM Odisha receiving Rs.1,958 crore in 2026-27 Budget (post 1,916 crore central release 2024-25), what are district-wise RMNCH+A progress metrics (e.g., IMR drop to 30, institutional deliveries 92.2%) and Satyabadi-specific fund utilisation vs targets, highlighting present ULB improvements over government lapses in key indicators like maternal mortality ?

----

## ବିଭାଗ ସହିତ ନିର୍ଦ୍ଦେଶାଳୟ ଗୁଡିକର ମିଶ୍ରଣ

5901 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ବିଭାଗ ସହିତ ତାହା ଅଧିନସ୍ଥ ନିର୍ଦ୍ଦେଶାଳୟ ଗୁଡିକୁ ମିଶ୍ରଣ କରାଯାଇ ଏକକ ବିଭାଗ କରାଯାଇଛି, ପ୍ରକାଶ କରି ସମସ୍ତ ବିଭାଗ ସହିତ ନିର୍ଦ୍ଦେଶାଳୟ ଗୁଡିକର ମିଶ୍ରଣ କରାଯାଇ ଏକକ ବିଭାଗ ସୃଷ୍ଟି ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## PHC ଓ CHC ରେ 24 ଘଣ୍ଟିଆ ସେବା

5902 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ସହ କୋରାପୁଟ ଜିଲ୍ଲାର ଦୁର୍ଗମ ଓ ଆଦିବାସୀ ପ୍ରବଳ ଅଞ୍ଚଳଗୁଡ଼ିକରେ ସବ୍‌ସେଣ୍ଟର୍, PHC ଓ CHC ଗୁଡ଼ିକ 24x7 ସେବା ଦେବାରେ ବଞ୍ଚିତ ରହୁଛି କି, ପଟ୍ଟାଙ୍ଗୀ ଅଞ୍ଚଳରେ କେତେ ସବ୍ ସେଣ୍ଟର୍, PHC ଓ CHC କାର୍ଯ୍ୟରତ ଅଛି, ସେଥିରୁ କେତେଟିରେ 24x7 ପ୍ରସବ ସେବା ଓ ଲ୍ୟାବ୍ ସୁବିଧା ଉପଲବ୍ଧ ଅଛି, ଏହି ଅଞ୍ଚଳରେ ଡାକ୍ତର ଓ ଆବଶ୍ୟକ ଢାଞ୍ଚା ସୁଦୃଢ଼ କରିବା ପାଇଁ କେବେ ସୁଦ୍ଧା ସ୍ପଷ୍ଟ ବ୍ୟବସ୍ଥା ଗ୍ରହଣ କରାଯିବ ?

----

## ପଟ୍ଟାଙ୍ଗି ଅଞ୍ଚଳରେ ଥିବା ଥାନା ଓ ଫାଣ୍ଡିରେ ଖାଲିଥିବା ପଦବୀ

5903 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ସହ କୋରାପୁଟ ଜିଲ୍ଲାର ଦୁର୍ଗମ ଓ ସୀମାଞ୍ଚଳ ଅଞ୍ଚଳଗୁଡ଼ିକରେ ପୋଲିସ୍ ଆଧାରଭୂତ ଢାଞ୍ଚା ଓ ଆଧୁନିକ ସାମଗ୍ରୀ ଅଭାବ ନେଇ ଅଭିଯୋଗ ରହିଛି କି, ପଟ୍ଟାଙ୍ଗୀ ଅଞ୍ଚଳରେ କେତେ ପୋଲିସ୍ ଥାନା, ଆଉଟ୍‌ପୋଷ୍ଟ ଓ ପୋଲିସ୍ ଷ୍ଟାଫ୍ କାର୍ଯ୍ୟରତ ଅଛନ୍ତି, ସେଥିରୁ କେତେ ପଦବୀ ଖାଲି ଅଛି, ଏହି ଅଞ୍ଚଳରେ ଆଇନ ଶୃଙ୍ଖଳା ସୁଦୃଢ଼ କରିବା ପାଇଁ କେଉଁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ଅଧିକ ସଂଖ୍ୟକ ସ୍ୱର୍ଗରଥ ଓ ଆମ୍ବୁଲାନ୍ସ ଯୋଗାଇବା

5904 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ଡାକ୍ତର ଖାନା ମାନଙ୍କରେ ଚିକିତ୍ସିତ ହେଉଥିବା ରୋଗୀ କୌଣସି,କାରଣରୁ ମୃତ୍ୟୁ ବରଣ କଲେ ସେମାନଙ୍କର ପରିବାର ସଦସ୍ୟ ସେହି ମର ଶରୀରକୁ ମେଡିକାଲରୁ ନିଜ ଗାଁ/ସହରକୁ ନେବା ପାଇଁ ଆମ୍ବୁଲାନ୍ସ କିମ୍ବା ସ୍ୱର୍ଗ ରଥ ଗାଡି ମିଳୁ ନଥିବାରୁ ସେମାନେ ବାଇକ ଯୋଗେ, ଅଟୋ ରିକ୍ସା ଯୋଗେ, ଟ୍ରଲି ଯୋଗେ ତାଙ୍କ ପରିବାର ସଦସ୍ୟ ନେବାର ଅନେକ ନଜିର ଦେଖା ଯାଉଥିବା ବିଷୟରେ ସରକାର ଅବଗତ ଅଛନ୍ତି କି, ଯଦି ଥାନ୍ତି ତେବେ ଡାକ୍ତରଖାନା ମାନଙ୍କରେ ଯଥେଷ୍ଟ ସଂଖ୍ୟକ ସ୍ୱର୍ଗରଥ ଗାଡି/ଆମ୍ବୁଲାନ୍ସ ଯୋଗାଇ ଦେବାର ସରକାର ବ୍ୟବସ୍ଥା କରିବେ କି ?

----

## ଗାଁ ଗହଳିରେ ପୋଲିସ୍ ପେଟ୍ରୋଲିଂ ବ୍ୟବସ୍ଥା

5905 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ଗାଁ ଗହଳି ଅଞ୍ଚଳରେ ନିୟମିତଭାବେ ପୋଲିସ ପେଟ୍ରୋଲିଂ ହେଉ ନଥିବାରୁ ଜିଲ୍ଲାର ସୀମାବର୍ତ୍ତୀ ପଡୋଶୀ ରାଜ୍ୟର ଚୋରମାନେ ପଶି ଆସି ସହରରେ ଚୋରୀ କରିବା ଛାଡି ଗାଁ ଗହଳିର ଲୋକ ମାନଙ୍କର ଘରେ ପଶି କଳାକନା ବୁଲାଉଥବା ଘଟଣା ସଂପର୍କରେ ସରକାର ଅବଗତ ଅଛନ୍ତି କି, ଯଦି ଥାଆନ୍ତି ତେବେ, ଚୋରୀ ଡକାୟତିକୁ ରୋକିବା ପାଇଁ ସହରାଞ୍ଚଳରେ ଯେପରି ନିୟମିତ ପେଟ୍ରୋଲିଂ କରାଯାଉଛି ସେହି ପରି ଗାଁ ଗହଳିରେ ମଧ୍ୟ ପୋଲିସ ପେଟ୍ରୋଲିଂ କରିବା ପାଇଁ ବ୍ୟବସ୍ଥା କରି ଚୋରୀ ଡକାୟତି ରୋକିବା ପାଇଁ ପଦକ୍ଷେପ ନେବେ କି ?

----

## Death Reported at SVPPGIP Cuttack

5906 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The number of deaths reported at SVPPGIP (Sishu Bhawan), Cuttack during the last five years, year-wise ; (b) The category-wise details of such deaths, including neonatal, infant and pediatric cases, along with the primary causes recorded, the number of cases where inquiry or medical audit was conducted to determine causes of death, the availability of doctors, specialists, beds and critical care facilities in the hospital and the steps taken by the Government to reduce mortality and strengthen pediatric healthcare services at the hospital ?

----

## Total number of cases registered

5907 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) The total number of cases registered in the State from June 2024 to February 2026, district-wise and category-wise; (b)

out of the cases registered, the number resolved and the number still pending, with brief category-wise details; the average time taken for registration of FIRS and completion of investigation; and the steps taken by the Government to strengthen FIR registration mechanisms and expedite complaint resolution across the State ?

----

**Action taken on FIR by Pipili PS**

5908 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (A) what action has been taken on FIR No 0076 dated 06-02-2026 by the PS of Pipili, Puri on the incident happened in village Kanti on attempt of murder (B) how many persons have yet been arrested till date ?

----

**ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ପାଇଁ ପଦକ୍ଷେପ**

5909 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ନୂଆପଡା ଜିଲ୍ଲା ଅନ୍ତର୍ଗତ ଖରିଆର ଥାନା ଅଞ୍ଚଳରେ ବହୁ ପରିମାଣରେ Crime, ଚୋରି, ଡକାୟତି, ଜୁଆ, ସଟ୍ଟା, ଖେଳି ଆଇନଶରଙ୍ଖଳା ପୁରାପୁରି ବିପର୍ଯ୍ୟସ୍ତ ହୋଇଥିବା ସରକାର ଜାଣନ୍ତି କି, ଏବଂ ଖଡିଆଳା ଥାନାରେ Crime, ଚୋରି, ଡକାୟତି, ଜୁଆ, ସଟ୍ଟା ହେବାର କାରଣ କଣ, ଖଡିଆଳ ଥାନାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

**MBBS seat ସଂଖ୍ୟା ବୃଦ୍ଧି**

5910 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ MBBS seat ସଂଖ୍ୟା ଆଉ ଅଧିକ ୩୦୨୫ ଟିକୁ ବଢାଇବାକୁ ବ୍ୟବସ୍ଥା କରୁଛନ୍ତି କି, ଉତ୍ତର ହଁ ହେଲେ ସମୁଦାୟ ରାଜ୍ୟରେ MBBS ପାଠ୍ୟକ୍ରମ ନିମନ୍ତେ କେତେ ସଂଖ୍ୟକ seat ହୋଇଯିବ ଏବଂ ରାଜ୍ୟରେ ପ୍ରତି ଜିଲ୍ଲାରେ ନର୍ସିଂ କଲେଜ କରାଯିବା ନିମନ୍ତେ କି କି ବାସ୍ତବ ପଦକ୍ଷେପ ମାନ ଗ୍ରହଣ କରିବେ ?

----

**କଟକ D.G. ଅଫିସରେ ଖାଲିଥିବା ପଦବୀ ସଂଖ୍ୟା**

5911 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଟକ ସ୍ଥିତ General Police D.G. ଙ୍କ Office ପରିସର ମଧ୍ୟରେ ଥିବା General D.G. ଏବଂ ଅନ୍ୟ ବିଭାଗୀୟ D.G. ଏବଂ ଅନ୍ୟ ସମସ୍ତ Addl. D.G. , IG, DIG ଏବଂ ଅନ୍ୟ ସମସ୍ତ IPS ଏବଂ ଅନ୍ୟାନ୍ୟ ଅଫିସରଙ୍କ ଅଫିସରେ ପିଅନ ଠାରୁ ଆରମ୍ଭକରି Class-II ଅଫିସରମାନଙ୍କ ପର୍ଯ୍ୟନ୍ତ ପଦବୀ ସଂଖ୍ୟା କେତେ ସେଥିରୁ ବର୍ତ୍ତମାନ କେତେ vacant ଅଛି ଏବଂ ଉକ୍ତ ଅଫିସ ମାନଙ୍କରେ staff ( ପିଅନ ଠାରୁ Class-II ଅଫିସର) ପର୍ଯ୍ୟନ୍ତ କେତେ ଜଣ ଅଛନ୍ତି), ବର୍ତ୍ତମାନ ପିଅନ ଠାରୁ Class-II ଅଫିସରମାନଙ୍କ ପର୍ଯ୍ୟନ୍ତ, କେଉଁ କେଉଁମାନେ, କେଉଁ କେଉଁ ପଦବୀରେ କେବେ ଠାରୁ permanent ?OSD ଭାବେ କାମ କରୁଛନ୍ତି ?

----

## ଡାକ୍ତର, କର୍ମଚାରୀ ଓ ଆଧୁନିକ ସୁବିଧା ବୃଦ୍ଧି ପାଇଁ ପଦକ୍ଷେପ

5912 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଦୁଇଟି ପ୍ରମୁଖ ସରକାରୀ ଚିକିତ୍ସାଳୟ Capital Hospital ଓ Rourkela Government Hospital ପ୍ରାୟ ସମାନ ସମୟରେ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଦୁଇଠାରେ ଚିକିତ୍ସା ସୁବିଧା, ମାନବ ସମ୍ପଦ ଓ ଢାଞ୍ଚାରେ ଗଭୀର ଅସମତା ପରିଲକ୍ଷିତ ହେଉଛି, ରୋଗୀ ଭାର ପ୍ରାୟ ସମାନ ଥିବା ସତ୍ତ୍ୱେ ରାଉରକେଲାରେ ବିଶେଷଜ୍ଞ ଡାକ୍ତର, ପ୍ୟାରାମେଡିକାଲ କର୍ମଚାରୀ ଓ ଆଧୁନିକ ଯନ୍ତ୍ରପାତିର ଘାଟତି ଚିକିତ୍ସା ବ୍ୟବସ୍ଥାକୁ ଦୁର୍ବଳ କରିଛି, ଆଦିବାସୀ ପ୍ରବଣ ଓ ସୀମାଞ୍ଚଳ ଅଞ୍ଚଳର ଲୋକମାନେ ଉନ୍ନତ ଚିକିତ୍ସା ପାଇଁ ଦୂରସ୍ଥ Bhubaneswar ଓ Cuttack କୁ ଯିବାକୁ ବାଧ୍ୟ ହେଉଛନ୍ତି, ଯାହା ତାଙ୍କ ପାଇଁ ଅର୍ଥନୈତିକ ଓ ଶାରୀରିକ ଭାବେ ଦୁର୍ଲଭ, ସରକାର ରାଉରକେଲା ଚିକିତ୍ସାଳୟରେ ଡାକ୍ତର, କର୍ମଚାରୀ ଓ ଆଧୁନିକ ସୁବିଧା ବୃଦ୍ଧି ପାଇଁ କାର୍ଯ୍ୟଯୋଜନା ଘୋଷଣା କରିବେ କି ?

----

## କନ୍ଧମାଳ ଜିଲ୍ଲାରେ ନୂତନ ଡାକ୍ତର ନିଯୁକ୍ତି

5913 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାର ପ୍ରତ୍ୟେକ ଡାକ୍ତରଖାନାରେ ସବୁ ସମୟରେ ଡାକ୍ତର ଅଭାବ ରହୁଛି ଓ ଜିଲ୍ଲାର ଅଧିକାଂଶ ଜନସାଧାରଣ ଆର୍ଥିକ ସୀମାରେଖା ତଳେ ବସବାସ କରୁଥିବାରୁ ଜରୁରୀ ପରିସ୍ଥିତିରେ ମଧ୍ୟ ବାହାରକୁ ଯାଇ ଚିକିତ୍ସିତ ହେବାରେ ଏମାନେ ସଂପୂର୍ଣ୍ଣ ଅସମର୍ଥ, ପୂର୍ବରୁ ଜିଲ୍ଲାରୁ ୯୪ ଜଣ ଡାକ୍ତର OPSC qualify କରିଥିଲେ କିନ୍ତୁ କାଉନସେଲିଂ ସମୟରେ କେବଳ ୧୪ଟି ପଦବୀ ଖାଲି ଦେଖା ଯାଇଥିବାରୁ ୧୪ ଜଣ ଡାକ୍ତରଙ୍କୁ ଏହି ଜିଲ୍ଲାରେ ନିଯୁକ୍ତି ଦେଇ ବଳକା ୮୦ ଜଣ ଡାକ୍ତରଙ୍କୁ ଅନ୍ୟ ଜିଲ୍ଲାକୁ opt କରିବାକୁ ବାଧ୍ୟ ହୋଇଥିଲେ, ବର୍ତ୍ତମାନ ରାଜ୍ୟରେ ୧୯୩ ଜଣ ନୂତନ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ଏମାନଙ୍କ ମଧ୍ୟରୁ କନ୍ଧମାଳରେ ଜଣକୁ ମଧ୍ୟ ନିଯୁକ୍ତି ଦିଆଯାଇନାହିଁ, କନ୍ଧମାଳ ଜିଲ୍ଲାର ଡାକ୍ତର ଅଭାବକୁ ଦୃଷ୍ଟିରେ ରଖି ନୂତନ ଡାକ୍ତର ନିଯୁକ୍ତି ଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବେ କି ?

----

## Mobile ସେବା ସମ୍ପର୍କରେ

5914 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୂଚନା ଅନୁଯାୟୀ ଓଡ଼ିଶାର 1237 ଟି ଗାଁରେ ଏ ପର୍ଯ୍ୟନ୍ତ Mobile Network ନାହିଁ, 2026 ଶେଷ ସୁଦ୍ଧା ଏହି ସମସ୍ତ ଗାଁକୁ ସଂଯୋଗ କରିବା ପାଇଁ ଡ଼ିଜିଟାଲ ଭାରତ ନିଧି (DBN) ଯୋଜନାରେ କେତେ ଅର୍ଥ ସରକାର ଯୋଗାଇ ଦେଇଛନ୍ତି, ଏବଂ ଏହାଦ୍ୱାରା କେଉଁ କେଉଁ କାର୍ଯ୍ୟ ସରକାର ହାତକୁ ନେଇଛନ୍ତି ?

----

## ସାଇବର ଥାନା ପ୍ରତିଷ୍ଠା

5915 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଶେଷକରି ସହରାଞ୍ଚଳରେ ରୋଗୀ, ଡ଼କାୟତି, ଏବଂ ସାଇବର ଅପରାଧ ବୃଦ୍ଧି ପାଇଥିବା ପରିପ୍ରେକ୍ଷୀରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି; Digital ଯୁଗରେ ସାଇବର ଥାନା ଗୁଡ଼ିକୁ କିପରି ସୁଦୃଢ଼ କରାଯାଇଛି, ଏବଂ Border ରେ ଅଧିକ ସାଇବର ଥାନା ଖୋଲି ଅତ୍ୟାଧୁନିକ Technologyର ସହାୟତାରେ ସେଗୁଡ଼ିକର ଆଧୁନିକିକରଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## ପଶ୍ଚିମବାଡ ଠାରେ ଫାଣ୍ଡି ପ୍ରତିଷ୍ଠା

5916 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଜଳେଶ୍ୱର ଥାନା ଅଧିନସ୍ଥ ବହୁ ଦିନରୁ ଦାବୀ ହୋଇଆସୁଥିବା ପଶ୍ଚିମବାଡ (PASCHIMA BAD) ଠାରେ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ସରକାର ଅବଗତ ଅଛନ୍ତି କି ; ଏହି ସ୍ଥାନ ଥାନାଠାରୁ 14 କି.ମି.ରୁ ଅଧିକ ଦୂରତ୍ୱ ହେତୁ ଏବଂ ପ୍ରତ୍ୟେକ ଗ୍ରାମ ଜନବହୁଳ ଅଞ୍ଚଳ ହୋଇଥିବାରୁ ସରକାର ଫାଣ୍ଡି ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବେ କି?

----

## PHC ରେ କର୍ମଚାରୀଙ୍କ ପାଇଁ ବାସଗୃହ ନିର୍ମାଣ

5917 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଳେଶ୍ୱର ବ୍ଲକ/ବସ୍ତା ବ୍ଲକ (ଜଳେଶ୍ୱର ନିର୍ବାଚନ ମଣ୍ଡଳୀ) ଅଧିନସ୍ଥ ମୋଟ କେତୋଟି PHC(New) ଅଛି ; ପ୍ରତ୍ୟେକ PHC(New) ରେ ସବୁ କର୍ମଚାରୀମାନଙ୍କ ପାଇଁ ବାସଗୃହ ଅଛି କି ; ଯଦି ନଥାଏ କେଉଁ କର୍ମଚାରୀମାନଙ୍କର ବାସଗୃହ ନାହିଁ, ତାହା ନିର୍ମାଣ ସକାଶେ ସରକାର କଣ ପଦକ୍ଷେପ ନେବେ?

----

## କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା

5918 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଇବଣିଆ ଥାନା ଅନ୍ତର୍ଗତ କୁଶଗଡ(KUSHAGARH) ପୋଲିସ ଫାଣ୍ଡିରେ ମୋଟ କେତେଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ; ଏହି ଫାଣ୍ଡି ରାଜ୍ୟସୀମାନ୍ତ, ନୟାଗ୍ରାମ (NAYAGRAM) ଥାନା ନିକଟବର୍ତ୍ତୀ ହୋଇଥିବାରୁ ଦୁଇରାଜ୍ୟ ସୀମାନ୍ତ ଗ୍ରାମ ଶାନ୍ତି, ଶୃଙ୍ଖଳା ବଜାଇ ରଖିବା ପାଇଁ ଫାଣ୍ଡି କର୍ତ୍ତୃପକ୍ଷଙ୍କୁ କୌଣସି ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି କି ଓ ଏଥିଲାଗି ମିଳିତ କାର୍ଯ୍ୟକ୍ରମ କଣ?

----

**ଥାନା ସଂଖ୍ୟା**

5919 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲା ସୀମାନ୍ତରେ କେଉଁଠାରେ କେତୋଟି ଥାନା ଅବସ୍ଥିତ ; ଏସବୁ ଥାନା ସୀମାନ୍ତବର୍ତ୍ତୀ ପଶ୍ଚିମବଙ୍ଗ ରାଜ୍ୟ କେଉଁ ଜିଲ୍ଲା, କେଉଁ ଅଞ୍ଚଳରେ କେଉଁଠାରେ ଥାନାଗୁଡିକ ଅବସ୍ଥିତ ; ଦୁଇ ରାଜ୍ୟର ଆଇନ୍, ଶାନ୍ତିଶୃଙ୍ଖଳା ବଜାଇ ରଖିବାପାଇଁ ଚଳିତ ବର୍ଷ ମିଳିତ ଭାବରେ କେତୋଟି ବୈଠକ, କେଉଁଠାରେ ଅନୁଷ୍ଠିତ ହୋଇଛି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ; ଉଭୟ ରାଜ୍ୟର ସ୍ୱାର୍ଥ ପାଇଁ କେତୋଟି ଅପରାଧିକ ମାମଲା ଥାନାମାନଙ୍କରେ ରୁଜୁ ହୋଇଛି?

----

**ଭିତ୍ତିଭୂମି ସୁଦୃଢ ପାଇଁ ଅର୍ଥ ବିନିଯୋଗ**

5920 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଳେଶ୍ୱର/ବସ୍ତା ବ୍ଲକ(ଜଳେଶ୍ୱର ନର୍ବାଚନ ମଣ୍ଡଳୀ) ଅନ୍ତର୍ଗତ କେଉଁଠାରେ PHC (New) ଚିକିତ୍ସାଳୟ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଦେଉଛି ଏବଂ ମୋଟ କେତୋଟି, ପ୍ରତ୍ୟେକଟି ପାଇଁ ଭିତ୍ତିଭୂମି ସୁଦୃଢ କରିବାକୁ କେଉଁ ବାବଦରେ କେତେ ଟଙ୍କା 2024-25 ଓ ଚଳିତ ଆର୍ଥିକ ବର୍ଷରେ NHM ପକ୍ଷରୁ ମଂଜୁର ହୋଇଛି ଏବଂ କେଉଁ ବାବଦରେ ବିନିଯୋଗ ହୋଇଛି ; କାର୍ଯ୍ୟ ଆଂଶିକ କିମ୍ବା ପୂର୍ଣ୍ଣାଙ୍ଗ ହୋଇଛି କିମ୍ବା କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ, ସରକାର କାହାକୁ ବିନିଯୋଗ ପାଇଁ ଅର୍ଥ ପ୍ରଦାନ କରିଛନ୍ତି?

----

**ସାଇବର ଜନିତ ସୁରକ୍ଷା**

5921 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସାଇବର ଜନିତ ସୁରକ୍ଷା ପାଇଁ ସ୍ୱରାଷ୍ଟ୍ର ବିଭାଗ ସହ ସମନ୍ୱୟ କରି ଜନସାଧାରଣଙ୍କୁ ସଚେତନ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି?

----

**କଏଦୀଙ୍କ ସଂଖ୍ୟା**

5922 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ କେଉଁ କାରାଗାରରେ କେତେଜଣ ମହିଳା ଓ ପୁରୁଷ କଏଦୀଙ୍କ ପାଇଁ ରହଣୀର ବ୍ୟବସ୍ଥା ଥିଲାବେଳେ ଏଠାରେ କେତେଜଣ ମହିଳା ଓ ପୁରୁଷ କଏଦୀ ରହୁଛନ୍ତି, ପ୍ରକାଶ କରି ଯେଉଁଠାରେ ଗହଳି ହେଉଛି, ସେଠାରେ ଅଧିକ କଏଦୀଙ୍କ ରହିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଡାକ୍ତରଖାନାର ଭିତ୍ତିଭୂମି ଉନ୍ନୟନ

5923 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟମିଶନ କାର୍ଯ୍ୟକ୍ରମ ଜରିଆରେ କଟକ ଜିଲ୍ଲାର କେଉଁ ସରକାରୀ ଡାକ୍ତରଖାନାର ଭିତ୍ତିଭୂମି ଉନ୍ନୟନ ପାଇଁ ବିଗତ ତିନି ବର୍ଷରେ କେତେ ଅର୍ଥ ବିନିଯୋଗରେ କେଉଁ କେଉଁ କାର୍ଯ୍ୟ ସମ୍ପାଦନ କରାଯାଇଛି?

----

## ଟ୍ରେଜେରୀରେ ପଦବୀ ପୂରଣ

5924 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ କେଉଁ ଟ୍ରେଜେରୀରେ ମଂଜୁରୀପ୍ରାପ୍ତ କେଉଁ ବର୍ଗର ଅଧିକାରୀ ମଧ୍ୟରୁ କେତେ ପଦବୀ ଖାଲିଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଆଶାକର୍ମୀଙ୍କ ପାରିଶ୍ରମିକ ବୃଦ୍ଧି

5925 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କାର୍ଯ୍ୟରତ ଆଶାକର୍ମୀମାନଙ୍କୁ ମାସିକ କେତେ ପାରିଶ୍ରମିକ ପ୍ରଦାନ କରାଯାଉଛି ସେମାନଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ବଜେଟ୍ ବିନିଯୋଗ ସମ୍ପର୍କରେ

5926 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବଜେଟ୍ ବରାଦ ଥାଇ ଖର୍ଚ୍ଚ ନହୋଇ ପାରିଲେ ସେହି ବଳକା ଅର୍ଥ ଆଗାମୀ ଆର୍ଥିକ ବର୍ଷ ବଜେଟରେ ସ୍ଥାନିତ ହୁଏ କି ; ଯଦି ନାଁ, ତାହେଲେ ସେହି ଅର୍ଥ ମାର୍ଚ୍ଚ 31 ପରେ କିପରି ଭାବରେ ବିନିଯୋଗ ହୁଏ?

----

## ଜମାକାରୀଙ୍କ ଟଙ୍କା ଫେରସ୍ତ

5927 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚିଟ୍ ଫଣ୍ଡ କମାକାରୀଙ୍କ ତରଫରୁ ସମୁଦାୟ କେତେ ସଂଖ୍ୟକ ଆବେଦନ ଟଙ୍କା ଫେରସ୍ତ ନିମନ୍ତେ କରିଛନ୍ତି ଓ ଆବେଦନକାରୀଙ୍କ ମଧ୍ୟରୁ ଅଦ୍ୟାବଧି କେତେ ସଂଖ୍ୟକ ଜମାକାରୀଙ୍କୁ କେତେ କେତେ ପରିମାଣର ଅର୍ଥ ଓ ସମୁଦାୟ କେତେ ଅର୍ଥ ଫେରସ୍ତ କରାଯାଇଛି, ଠକେଇ ଅଭିଯୋଗରେ କେଉଁ କେଉଁ ସଂସ୍ଥାମାନଙ୍କ ବିରୋଧରେ କି କି ପଦକ୍ଷେପ ନିଆଯାଇଛି ଓ କେଉଁ କେଉଁ ସଂସ୍ଥାମାନଙ୍କର ସମ୍ପତ୍ତି ବାଜ୍ୟାପ୍ତ ଓ ନିଲାମ ଯୋଗୁ କେତେ କେତେ ଅର୍ଥ ରାଶି ସଂଗ୍ରହ କରାଯାଇଛି ?

----

## କର୍ମଚାରୀ ଯୋଗାଣ

5928 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ରାଜ୍ୟରେ କେଉଁ କେଉଁ ଆଉଟ୍ ସୋର୍ସିଙ୍ଗ ସଂସ୍ଥାମାନଙ୍କୁ କେତେ କେତେ ସଂଖ୍ୟକ କର୍ମଚାରୀଙ୍କୁ କେଉଁ କେଉଁ ତାରିଖରୁ ନିଯୁକ୍ତି ଦିଆଯାଇଛି, କେନ୍ଦ୍ରାପଡା ଜିଲ୍ଲାରେ କେଉଁ କେଉଁ ଆଉଟ ସୋର୍ସିଂ ସଂସ୍ଥାମାନଙ୍କୁ କେତେ କେତେ ସଂଖ୍ୟାରେ କର୍ମଚାରୀ ଯୋଗାଇଦେବେ କେବେ କେବେ ଓ କି କି ସର୍ତ୍ତରେ ଆଦେଶ ଦିଆଯାଇଛି ?

----

## ସ୍ୱାସ୍ଥ୍ୟ ସେବା ପ୍ରଦାନ

5929 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା PHC (New) ଗୁଡିକରେ ଅଧିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ଯୋଜନା ସରକାରଙ୍କ ଅଛି କି, ଯଦି ହଁ, ତେବେ କି କି ଅତିରିକ୍ତ ସେବା ବ୍ୟବସ୍ଥା କରାଯିବ ତା'ର ବିବରଣୀ ସହ କେବେ ଏହା କାର୍ଯ୍ୟକାରୀ ହେବାର ଯୋଜନା ଅଛି ?

----

## ଥାନାରେ ଉନ୍ନତିକରଣ

5930 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥାନା ପୁର୍ନଗଠନ ନିମନ୍ତେ କୌଣସି ପ୍ରସ୍ତାବ ସରକାରଙ୍କ ବିଚାରାଧିନ ଅଛି କି, ଯଦି ହଁ, କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚୌଦକୁଲାଟ ଫାଣ୍ଡିକୁ ଥାନାରେ ଉନ୍ନୀତ କରିବା ଯୋଜନା ଅନ୍ତର୍ଭୁକ୍ତ କି ?

----

## ମୋବାଇଲ ଟାୱାର ସ୍ଥାପନ

5931 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଙ୍କୀ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଟେଲି ଯୋଗାଯୋଗ ସଂସ୍ଥାର ଟାୱାର ନିର୍ମାଣ ହୋଇଛି ପ୍ରକାଶ କରି ଦୁର୍ଗମ ଅଞ୍ଚଳରେ ମୋବାଇଲ ନେଟୱାର୍କ ଅଭାବରୁ ଲୋକେ ମୋବାଇଲ ସେବାରୁ ବଞ୍ଚିତ ହେଉଥିବା ପରିପ୍ରେକ୍ଷୀରେ ଏଠାରେ ଟେଲି ଯୋଗାଯୋଗ ବ୍ୟବସ୍ଥାର ଉନ୍ନତିକରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଗୋଚାଲାଣ ସମ୍ପର୍କରେ

5932 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଗୋଚାଲାଣ ବିରୋଧ କରିବା ନାମରେ ଗୃହପାଳିତ ଗାଈଗୋରୁ, ମଇଷି ଆଣୁଥିବା ଦୁଗ୍ଧ ଚାଷୀଙ୍କ ଉପରେ ଗୋସେବକ ବୋଲାଇ କେତେ ଜଣ ବ୍ୟକ୍ତି ଆକ୍ରମଣ କରୁଥିବା ଅଭିଯୋଗ ପ୍ରତି ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ ଏହାର ପ୍ରତିକାର ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସୁରକ୍ଷା ଅଧିକାରୀ ଯୋଗାଣ ସମ୍ପର୍କରେ

5933 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟର ମାନ୍ୟବର ବିଧାୟକଙ୍କ ସହିତ କେଉଁ ପୂର୍ବତନ ବିଧାୟକ, ସାଂସଦ ଓ ସାଧାରଣ ବ୍ୟକ୍ତି ବିଶେଷଙ୍କୁ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ଯୋଗାଇ ଦିଆଯାଇଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଖାଲି ପଦବୀ ପୂରଣ

5934 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ଜିଲ୍ଲାରେ ସ୍ଥାପିତ କେଉଁ ହୋମିଓପ୍ୟାଥିକ, ଆୟୁର୍ବେଦିକ ଡାକ୍ତରଖାନାରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ଓ ଅନ୍ୟ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## Details of GAPD's Budget

5935 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Can the govt. detail GAPD's Budget 2026-27 provisions amid the state's Rs.3.10 lakh crore outlay, highlighting Govt.s focus on transparent governance (e.g. 2025-26 fiscal deficit rising to 3.5% from budgeted 3.2%); what steps ensure GAPD's funds support anti-corruptions drives, like Vigilance's 324 cases against 554 officials (including 94 Class-I) in 18 months, building on govt.'s zero tolerance unlike prior unchecked losses in

SPSEs (Rs.8,036 crore accumulated) ?

----

**Rural livelihood boosts**

5936 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- In light of Budget 2026-27'w rural livelihood boosts like Viksit Gaon Viksit Odisha Yojana and coconut promotion, what steps is govt. taking to fact-track resolutions for Satyabadi farmers ?

----

**SICSem;s Silicon Carbide fab**

5937 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- How will MeitY SICSem;s Silicon Carbide fab in Bhubaneswar leveraging Odisha's Electronics Policy 2025; status of central aid for O-Chip's 6,000 chip design jobs under present govt's vision ?

----

**100 % EDL availability**

5938 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- BSKY-Ayushman Bharat merger (29000+ em-panelled hospitals) what metrics show OSMCLs supplier performance under new rate contracts(e.g.70% full POs vs 23% partial in 2016-19) particularly preventing dumped/unused medicines(Balasore 2025) in coastal areas like Satyabadi with planning committees for 100 % EDL availability?

----

**ପଟାଙ୍ଗୀ ଅଂଚଳରେ ମୋବାଇଲ ଟାୱାର ସ୍ଥାପନ**

5939 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପଟାଙ୍ଗୀ ନିର୍ବାଚନମଣ୍ଡଳ ସହ କୋରାପୁଟ ଜିଲ୍ଲାର ଦୁର୍ଗମ ଓ ସୀମାଞ୍ଚଳ ଅଂଚଳଗୁଡିକରେ ଅଂଚଳରେ ମୋବାଇଲ ଟାୱାର ଓ ନେଟୱାର୍କ ସୁବିଧା ଅପର୍ଯ୍ୟାପ୍ତ ଥିବାରୁ ଲୋକମାନେ ଡିଜିଟାଲ ସେବାରୁ ବଂଚିତ ହେଉଛନ୍ତି ଓ ପଟାଙ୍ଗୀ ଅଂଚଳରେ କେତେ ନୂତନ ମୋବାଇଲ ଟାୱାର ସ୍ଥାପିତ ହୋଇଛି କେତେ ଗ୍ରାମ ଏପର୍ଯ୍ୟନ୍ତ ନେଟୱାର୍କ ବିହୀନ ଅଛି ଏବଂ ଏହି ସମସ୍ୟା ସମାଧାନ ପାଇଁ କେବେସୁଦ୍ଧା ପଦକ୍ଷେପ ନିଆଯିବ?

----

## ଖାଲିଥିବା ପଦବୀର ବିବରଣୀ

5940 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାର ଆଦିବାସୀ ପ୍ରବଳ ଜିଲ୍ଲାଗୁଡିକରେ ଡାକ୍ତର, ନର୍ସ ଓ ପାରାମେଡିକ କର୍ମଚାରୀଙ୍କ ଅଭାବ ସତ୍ତ୍ୱେ ସରକାର ସମାଧାନ କରିପାରିନଥିବାର କାରଣ କଣ, ରାଜ୍ୟରେ ସ୍ୱୀକୃତ ପଦବୀ ତୁଳନାରେ ବର୍ତ୍ତମାନ କେତେ ପଦବୀ ଖାଲିଅଛି ତାହାର ଜିଲ୍ଲାୱାରି ବିବରଣୀ ରଖିବେ କି?

----

## ପ୍ରାର୍ଥୀମାନଙ୍କର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ଯାଞ୍ଚ

5941 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକରେ ଥିବା ବିଶ୍ୱସ୍ତରୀୟ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ଲେଟର ନଂ-୧୦୦ ୧୧/୧୧/୦୦୧୨/୧୬୧୭ ତାରିଖ ତା.୧୭.୦୨.୨୦୧୬ ରେ ବିଜ୍ଞାପନ ବାହାରିଥିବା ଜୁନିୟର ଲାବ ଟେକ୍ନିସିଆନ- ଗ୍ରୁପ-ସି (୪ଟି ପଦବୀ) କୁ ନିଯୁକ୍ତି ଦିଆଗଲା କିନ୍ତୁ ୧୮୧ attendant ଗ୍ରୁପ ଡି ପଦବୀରେ ନିଯୁକ୍ତି ଦିଆଗଲା ନାହିଁ, ଏହି ବିଜ୍ଞାପନକୁ ଆଧାର କରି ଆବେଦନ କରିଥିବା ପ୍ରାର୍ଥୀମାନଙ୍କର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ଯାଞ୍ଚ କରାଯାଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଏହି ବିଜ୍ଞାପନଟିରେ ଥିବା ୧ଟି କ୍ୟାଟେଗୋରିରେ ନିଯୁକ୍ତି ଦିଆଯାଇ ଅନ୍ୟ କ୍ୟାଟେଗୋରିକୁ ରଦ୍ଦ କରିଦିଆଗଲା କିଛି ପ୍ରାର୍ଥୀ ଏଥିନିମନ୍ତେ ମାନ୍ୟବର ଉଚ୍ଚ ନ୍ୟାୟଳୟ, କଟକଙ୍କୁ ଦ୍ୱାରସ୍ଥ ହୋଇଛନ୍ତି, ଏହି ପରିପ୍ରେକ୍ଷିରେ କେଉଁମାନେ ନ୍ୟାୟଳୟର ଦ୍ୱାରସ୍ଥ ହୋଇଛନ୍ତି ?

----

## ଅର୍ଥ ସହାୟତାର ପରିମାଣ

5942 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାରଙ୍କ ବିଭିନ୍ନ ବୋର୍ଡ, କର୍ପୋରେସନଓ ପବ୍ଲିକ ସେକ୍ଟର ଉଦ୍ୟୋଗମାନଙ୍କୁ ଦିଆଯାଇଥିବା ଗ୍ୟାରେଣ୍ଟି ଓଅର୍ଥ ସହାୟତାର ପରିମାଣ କେତେ,ଏହି ଗ୍ୟାରେଣ୍ଟି ରାଶି ରାଜ୍ୟର ସମୁଦାୟ ଋଣ ଓ ଆଥିକ ସ୍ଥିରତା ଉପରେ କେତେ ପ୍ରଭାବ ପକାଉଛି?

----

## ମୁଣ୍ଡ ପିଛା ଋଣ

5943 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) କେଉଁ କ୍ଷେତ୍ରରେ ଅଭିବୃଦ୍ଧିକୁ ଭିତ୍ତିକରି 2036 ମସିହାରେ ବିକଶିତ ଓଡିଶା ରୂପାୟନକୁ ସରକାର ସୁନିଶ୍ଚିତ କରୁଛନ୍ତି, 2025 2026 ମୁଣ୍ଡପିଛା ଋଣ ପରିମାଣ କେତେ ହୋଇଥିବାସ୍ଥଳେ 2036 ବେଳକୁ ମୁଣ୍ଡ ପିଛା ଋଣ କେତେ ହେବ ବୋଲି ଆକଳନ କରାଯାଇଛି, ସେହି ସମୟରେ ରାଜ୍ୟର ଋଣଭାର କେତେ ରହିବ (ଖ) ରାଜ୍ୟ ଦ୍ରୁତଗତିରେ ବିକଶିତ ହେବା ସହ ଏକ ବଳକା ରାଜ୍ୟରେ ପରିଣତ ହୋଇଥିବା ସରକାର ଘୋଷଣା କରିବା ସହ ବିଭିନ୍ନ ଯୋଜନାରେ ମାଗଣା ପ୍ରୋତ୍ସାହନ ରାଶି ପ୍ରଦାନ କରୁଥିବା ଦୃଷ୍ଟିରୁ ବ୍ୟୟ ସଂକୋଚନ ପଦକ୍ଷେପ ସ୍ୱରୂପ ରାଜ୍ୟ ଅର୍ଥ ବିଭାଗର ପତ୍ର ସଂଖ୍ୟା 17815 ତା. 12.4.1993 କୁ ଅଦ୍ୟାବଧି ବଳବତ୍ତର ରଖିବାର କାରଣ କଣ ଏହା କେବେସୁଦ୍ଧା ପ୍ରତ୍ୟାହାର ପାଇଁ ନିର୍ଦ୍ଦିଷ୍ଟ ହୋଇଛି?

----

## ସାଇବର ଠକଙ୍କୁ ଦମନ କରିବା ପାଇଁ ପଦକ୍ଷେପ

**5944 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ତଥା ରାଜ୍ୟ ବାହାରର କେଉଁ ସ୍ଥାନମାନଙ୍କରେ ସାଇବର ଠକମାନେ ସେମାନଙ୍କ ରାକେଟ ଚଳାଇଥିବା ସରକାର ଜାଣିବାକୁ ପାଇଛନ୍ତି, ସାଇବର ସିଣ୍ଡିକେଟରେ କେଉଁ ପ୍ରଣାଳୀରେ ଠକେଇ କରୁଛନ୍ତି ଏବଂ ଠକେଇ ଟଙ୍କାକୁ କି ଉପାୟରେ ଉପଯୋଗ କରାଯାଉଛି, ଏହି କାର୍ଯ୍ୟରେ ରାଜ୍ୟର କେତେ ଯୁବକ ଯୁବତୀ ମହିଳା ଓ ପୁରୁଷ ସାମିଲ ହୋଇଛନ୍ତି ଏବଂ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ତଥା ପୂର୍ବ ଅପରାଧିକ କାର୍ଯ୍ୟକଳାପରେ ସାମିଲ ଥିଲେ କି?

----

## ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ

**5945 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ନିମନ୍ତେ କେଉଁ କେଉଁ ସୂତ୍ରରୁ କେଉଁ ଡାକ୍ତରଖାନାଗୁଡିକ ପାଇଁ କେତେ ଟଙ୍କା ବିନିଯୋଗ ହୋଉଛି (ଖ) ଗତ ବର୍ଷ ଏବଂ ଚଳିତ ବର୍ଷ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟମାନଙ୍କରେ ଟେଣ୍ଡର ପଦ୍ଧତିରେ ବା WAPCOS ଭଳି ଅଥବା ଅନ୍ୟ Public Sector Undertaking ଜରିଆରେ କେଉଁଠାରେ ଦିଆଯାଇଛି?

----

## ପଦବୀ ପୂରଣ

**5946 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ଥିବା ଚିକିତ୍ସାଳୟମାନଙ୍କରେ ବିଶେଷଜ୍ଞ ଡାକ୍ତର ତଥା ଅନ୍ୟାନ୍ୟ ପଦବୀ କେତେ ସଂଖ୍ୟାରେ ଖାଲିରହିଛି ପଦୱାରୀ ସୂଚନା ଦେବେକି, ଖାଲିଥିବା ପଦବୀଗୁଡିକ କେବେ ପୂରଣ ହେବ ଏବଂ ସରକାର ସେ ଦିଗରେ କି ପଦକ୍ଷେପ ନେଇଛନ୍ତି, (ଖ) ନରସିଂହପୁର ଡାକ୍ତରଖାନାରେ ସ୍ଥାପିତ ଡାଇଲିସସ କେନ୍ଦ୍ର ଆରମ୍ଭ ହେବା ଦିନଠାରୁ ଅଦ୍ୟାବଧି କେତେ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରାଗଲାଣି, ବର୍ତ୍ତମାନ ଏହାର ସ୍ଥିତି କଣ, ଏହାକୁ ପରିବର୍ତ୍ତନ ପାଇଁ ତଥା Nephrologist ସ୍ଥାୟୀ ନିଯୁକ୍ତି ନିମନ୍ତେ ସରକାର ନିଷ୍ପତ୍ତି ନେବେକି?

----

## ଫାଣ୍ଡିର ଉନ୍ନତିକରଣ

5947 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) କଟକ ଜିଲ୍ଲାର ବଡମ୍ବା ଓ ନରସିଂହପୁରରେ ଯୋଡୁମ ଓ ମାଣିଆବନ୍ଧ ଫାଣ୍ଡିର upgradation କେବେ କରାଯାଇ ତାର ଶୁଭ କେବେ ଦିଆଯାଇଥିଲା, ଯୋଡୁମ ଓ ମାଣିଆ ବନ୍ଧରେ ନୂଆ ଭିତ୍ତିଭୂମି ପାଇଁ କେତେ ଟଙ୍କାର ମଂଜୁରୀ ନିମନ୍ତେ ପ୍ରଶାସନିକ ଅନୁମୋଦନ ଓ ଟେଣ୍ଡର ଚୁକ୍ତି କେବେ କରାଯାଇଥିଲା, ଏହି upgradation ନିମନ୍ତେ (ଉଭୟ ଥାନାର) ହୋଇଥିବା ସରକାରୀ ଅଧିସୂଚନାର ତଥ୍ୟ ପ୍ରଦାନ କରିବେ କି, (ଖ) କମ ସ୍ଥାନଥିବାରୁ ମାଣିଆ ବନ୍ଧ ଥାନାର ଡିଜାଇନ ପରିବର୍ତ୍ତନ ସହିତ ତାକୁ high rise କରାଯିବା ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଉଛି?

----

## ମାମଲା ସମାଧାନ ପାଇଁ ପଦକ୍ଷେପ

5948 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ୨୦୨୪ବର୍ଷ ଠାରୁ ଅଦ୍ୟାବଧି କେଉଁ ଜିଲ୍ଲାର କେଉଁ ଥାନାଗୁଡିକରେ କେତୋଟି କେଉଁ ଧରଣର ମାମଲା ରୁଜୁ ହୋଇଅଛି, ଏବଂ ତନ୍ମଧ୍ୟରୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର କେତୋଟି ମାମଲା ପଞ୍ଜିକୃତ ହୋଇଅଛି ଓ କେତୋଟି କେଉଁ କାରଣ ପାଇଁ ଏହି ବର୍ଗର ଲୋକମାନଙ୍କର ଏତଲା ଦେଇଥିଲେ ମଧ୍ୟ କେଉଁ କାରଣ ପାଇଁ କେଉଁ ଥାନାରେ ତାହା ପଞ୍ଜିକୃତ ହୋଇପାରିନାହିଁ ତାହାର କାରଣ କ'ଣ ଜଣାଇବେ କି, ଏବଂ (ଖ) କେଉଁମାମଲା ଗୁଡିକର ଅଦ୍ୟାବଧି ଚାର୍ଜସିଟ୍ ହୋଇଅଛି ଏବଂ କେଉଁଗୁଡିକର କେଉଁ କାରଣ ପାଇଁ ହୋଇନାହିଁ ତାହାର କାରଣ ସହ ସମସ୍ତ ବିବରଣୀ ପ୍ରଦାନ କରିବେ କି, ସ୍ଥଳବିଶେଷରେ ବିଭିନ୍ନ ମାମଲା ଗୁଡିକର ସମାଧାନ ପାଇଁ ପୋଲିସ ବିଭାଗ ପକ୍ଷରୁ କି କି ପଦକ୍ଷେପମାନ ରହିଅଛି?

----

## Action plan for prevention of Future pandemics

5949 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 1. What is the action plan for preventing Malaria, Dengue, and Scrub Typhus, especially in tribal belts; 2. How many TB cases were reported in the last 3 years, how many completed

treatment, how many were fully cured and what steps are being taken to eliminate TB; How are district Hospitals being strengthened for future pandemics and emerging diseases ?

----

## ଅଡ଼ିଟ ରୋପୋର୍ଟ ପ୍ରଦାନ

5950 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ଵାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବିଗତ ୫ ବର୍ଷ ଠାରୁ ଅଦ୍ୟାବଧି ରାଜ୍ୟର କେଉଁ ଜିଲ୍ଲାରେ କେତୋଟି NGO ସକ୍ରିୟଭାବେ କାର୍ଯ୍ୟ କରୁଅଛି, ଏହାର ପୃଷ୍ଠପୋଷକତା କେଉଁମାନେ ଅଟନ୍ତି ତାର ଜିଲ୍ଲାୱାରୀ ସମସ୍ତ ଏନ୍‌ଜିଓ ଗୁଡିକର ସବିଶେଷ ବିବରଣୀ ପ୍ରଦାନ କରିବା ସହ କେଉଁ ଏନ୍‌ଜିଓ ଗୁଡିକୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ କେଉଁ କେଉଁ ବିଭାଗରୁ କେତେ ଆର୍ଥିକ ସହାୟତା ପାଇ କି କି କାର୍ଯ୍ୟକରିଛନ୍ତି ସମସ୍ତଙ୍କ ଅଡିଟ୍ ରିପୋର୍ଟର ତଥ୍ୟ ପ୍ରଦାନ କରିବା ସହ କେଉଁମାନେ ଆର୍ଥିକ ତୋଷାରପାତ ଭଳି ଅନିୟମିତା କ୍ଷେତ୍ରରେ ଛନ୍ଦି ହୋଇଛନ୍ତି ବିଭାଗ ପକ୍ଷରୁ କି କାର୍ଯ୍ୟାନୁଷ୍ଠାନ ହୋଇଛି?

----

## Remuneration of Civil Defence Volunteers

5951 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) whether Civil Defence volunteers in the State are receiving remuneration in accordance with Labour Laws and Minimum Wages Act, and if not, the reasons thereof; (b) despite being trained under the Civil defence Act for multiple services including rescue, first aid, firefighting and communication, the reasons for not deploying them regularly in traffic management, fire stations, medical institutions, policing support and public events; the policy, if any, of the Government regarding regular duty or deployment of experience Civil Defence volunteers; and the reasons for non-establishment of Civil Defence units in several districts and the timeline for opening such units across the state ?

----

## ଆୟୁର୍ବେଦ ଔଷଧର ପ୍ରଚାର ପ୍ରସାର

5952 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆୟୁର୍ବେଦିକ ଔଷଧ ନିର୍ମାଣ ଓ ବିକ୍ରୟ ଦିଗରେ କେଉଁ ପ୍ରକାରର ନିୟମାବଳୀ ରହିଛି; ଆୟୁର୍ବେଦିକ ଔଷଧ ନିର୍ମାଣ Agency, ସବିଶେଷ ତଥ୍ୟ ପ୍ରକାଶ କରିବେ କି; ଆୟୁର୍ବେଦିକ ଔଷଧର ପ୍ରଚାର-ପ୍ରସାର ଦିଗରେ ସରକାରୀ କାର୍ଯ୍ୟକ୍ରମମାନଙ୍କର ଗ୍ରାମାଞ୍ଚଳରେ ପଡୁଥିବା ପ୍ରଭାବ ସମ୍ବନ୍ଧୀୟ ସବିଶେଷ ସୂଚନା ପ୍ରଦାନ କରିବେ କି?

----

## ଦନ୍ତ ରୋଗୀଙ୍କୁ ଅବହେଳା

5953 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୨ ବର୍ଷରେ କ୍ୟାପିଟାଲ ହସ୍ପିଟାଲରେ ଦନ୍ତ ଚିକିତ୍ସାରେ ନିଯୁକ୍ତି ମାନବ ସମ୍ବଳ ( ଡ଼ାକ୍ତରମାନଙ୍କ) ଦ୍ୱାରା ପ୍ରଦାନ କରାଯାଇଥିବା ସେବା ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି; ଜଣେ ରୋଗୀଙ୍କୁ ଉଚିତ ଚିକିତ୍ସା, ଉକ୍ତ ଡ଼ାକ୍ତରଖାନାର ଦୁଇଜଣ ଦନ୍ତ ଚିକିତ୍ସକ ସରକାରୀ କାର୍ଯ୍ୟରେ ଆନ୍ତରିକତା ଦେଖାଉ ନଥିବା, ସମ୍ବେଦନହୀନତା ପ୍ରଦର୍ଶନ କରିଥିବା , Private Practive ପାଇଁ ଅଧିକ ଆଗ୍ରହୀ ରହିଥିବା ସମ୍ବନ୍ଧରେ ସରକାର ଅବଗତ ଅଛନ୍ତି କି ?

----

## ଯନ୍ତ୍ରପାତି କ୍ରୟର ସବିଶେଷ ବିବରଣୀ

5954 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଇମେଜିଂ ଯନ୍ତ୍ରପାତି କ୍ରୟ ସମୟରେ କେଉଁ ଡାକ୍ତରଙ୍କର Techno-Medical ମନ୍ତବ୍ୟ ଆଧାରରେ OSMC ଚୂଡ଼ାନ୍ତ ନିଷ୍ପତ୍ତି କରେ, ସରକାରଙ୍କ କେଉଁ ଅଧିକାରୀମାନେ ଡାକ୍ତର ହେବା ସହିତ Image Engineering ସ୍ଥାନ ଅଧିଗ୍ରହଣ କରି ସରକାରୀ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି?

----

## Food Handler Certificate ସମ୍ବନ୍ଧୀୟ ସବିଶେଷ ତଥ୍ୟ

5955 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୨ ବର୍ଷରେ ଅବିଭକ୍ତ କୋରାପୁଟ ଜିଲ୍ଲାର CHC- ୱାରୀ ପ୍ରଦାନ କରାଯାଇଥିବା Food Handler Certificate ସମ୍ବନ୍ଧୀୟ ସବିଶେଷ ତଥ୍ୟ ପ୍ରକାଶ କରିବେ କି ?

----

## ଆଉଟସୋର୍ସିଂ ନିଯୁକ୍ତି

5956 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡ଼ିଶା ପରିବହନ ନିଗମରେ ଡ୍ରାଇଭର ଓ କଣ୍ଡକ୍ଟର ବଳକା ( ରେଗୁଲାର ଡ଼ିୟୁଟି) କୁ ନିଅଣ୍ଟ ଥିବା ସ୍ଥଳେ କେଉଁ କାରଣରୁ କେବେଠାରୁ କେତେ ଜଣ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ଆଉଟସୋର୍ସିଂ ଦ୍ୱାରା ନିଯୁକ୍ତି କରିଛନ୍ତି?

----

## ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା

5957 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲରେ, ବିଭିନ୍ନ ବର୍ଗର ଅଧ୍ୟାପକ, ଡାକ୍ତର ଓ ଅନ୍ୟାନ୍ୟ ସେବାର କେତେ ମଂଜୁରୀ ପ୍ରାପ୍ତ ପଦବୀ ରହିଛି ଓ କେତେ ଖାଲି ପଡ଼ିଛି; ସେଗୁଡ଼ିକ କେବେଠାରୁ ଖାଲି ରହିଛି?

----

## ଅନୁମତି ଦିଆଯାଇଥିବା ବେସରକାରୀ ହସପିଟାଲ ସଂଖ୍ୟା

5958 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସରକାରୀ ଡାକ୍ତରଙ୍କ ଅଭାବ ୫୦୦୦କୁ ଛୁଇଁବା ବେଳେ, ଗତ ୩ ବର୍ଷରେ କେତେ ବେସରକାରୀ ହସ୍ପିଟାଲ/ Clinic /Nursing Home କୁ ଅନୁମତି ଦିଆଯାଇଛି; ସେହି ହସ୍ପିଟାଲଗୁଡ଼ିକର ଅନୁମୋଦିତ ଡାକ୍ତର ପଦବୀ କିପରି ପୂରଣ ହୋଇଛି; ଆଗାମୀ ଦିନରେ ପ୍ରମୁଖ ସହରଗୁଡ଼ିକରେ Private Medical / Private Medical College କୁ ଅନୁମତି ନ ଦେଇ,ସରକାରୀ ଡାକ୍ତରଖାନାରେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପ୍ରତି ଧ୍ୟାନ ଦିଆଯିବାକୁ ସରକାରଙ୍କ ଯୋଜନା ରହିଛି କି?

----

## ଚର୍ମ ଓ ଦନ୍ତ ଚିକିତ୍ସାର ସ୍ଥିତି

5959 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାଲକାନଗିରି ଜିଲ୍ଲାର ଚର୍ମ ଓ ଦନ୍ତ ଚିକିତ୍ସାର ସ୍ଥିତି, ଉପକୃତ ରୋଗୀ, ଉପଲବ୍ଧ ସୁବିଧା/ ସେବା ସମ୍ବନ୍ଧୀୟ Medical/Block - ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## Present status of the complaint

5960 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) With reference to UDAQ No. 2093 dated 09.03.2026 regarding complaints of non-compliance of Book Circular-47, the present status of the complaint dated 21.02.2026 against the Commissioner, Cuttack Municipal Corporation; (b) Whether the detailed

factual report sought from the Collector, Cuttack has been received by the Department and the findings thereof; the action taken or proposed to be taken by the Government based on the report and the timeline fixed for concluding the inquiry and ensuring compliance with Book Circular-47 by concerned officials?

----

**Total number of cyber crime**

5961 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) The total number of cybercrime cases registered in the State from June 2024 to February 2026, district-wise; (b) the total amount involved in such cases during the said period; the number of cases resolved and the number still pending investigation or trial; the criteria and procedure prescribed for lodging complaints at Cyber Police Stations; and whether any minimum or specific amount of financial fraud is required for registration of a cybercrime complaint and the guidelines issued in this regard?

----

**Total sanctioned posts and present vacancy position**

5962 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) With reference to OPSC Advertisement No. 07 of 2025-26 for recruitment of 124 Dental Surgeons, the total sanctioned posts and present vacancy position of Dental Surgeons in PHCs, CHCs, SDHS and DHHS in the State; (b) the number of PHCs presently having a Dental Surgeon and the number functioning without dental services; the number of dental graduates passing out every year in the State and the assessment made regarding their employment; and the steps taken by Government to create additional Dental Surgeon posts, particularly at PHC level, to strengthen oral health services?

----

**Emergency medicine ଉପଲବ୍ଧ**

5963 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ PHC, CHC, SDH ଡାକ୍ତରଖାନା ଗୁଡିକରେ ଠିକଣା ସମୟରେ ଓ ରାତ୍ରିରେ Emergency Medicine ଉପଲବ୍ଧ ହେଉନଥିବା ଓ ଏହି କାରଣରୁ ରୋଗୀଙ୍କୁ ଅଯଥା ଜିଲ୍ଲା ମୁଖ୍ୟ ଚିକିଶାଳୟକୁ Refer କରି ଦିଆ ଯାଉଥିବା ଘଟଣା ସବୁବେଳେ ଦେଖିବାକୁ ମିଳୁଛି; ରୋଗୀ ସମ୍ପର୍କୀୟ ମାନେ ରାତିରେ ଓ ଅସମୟରେ ଔଷଧ ବାହାରୁ କିଣି ଆଣିବୁ କହିଲେ ମଧ୍ୟ ଡାକ୍ତର ଲେଖୁ ନାହନ୍ତି; ଡାକ୍ତରଖାନାରେ ଥିବା Drug Distribution Center ମଧ୍ୟ ବନ୍ଦ ରହୁଛି; ରାଜ୍ୟରେ ଏଭଳି ଅବସ୍ଥାର ଅବସାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଯୋଜନା ବାବଦରେ ବ୍ୟୟ

5964 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ବର୍ତ୍ତମାନ ଯେଉଁ ଯେଉଁ ନୂଆ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି ବା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ତାହାଦ୍ୱାରା ବର୍ଷକୁ କେତେ ଅଧିକ ଖର୍ଚ୍ଚ ହେବ ବୋଲି ହିସାବ କରାଯାଉଛି ତାହାର ଯୋଜନା ୱାରୀ ତଥ୍ୟ ଦେବେ କି; କଳାହାଣ୍ଡି ଜିଲ୍ଲା ପାଇଁ ନୂତନ ଯୋଜନା ରେ କେଉଁ କେଉଁ କାର୍ଯ୍ୟକ୍ରମ ପାଇଁ କେତେ କେତେ ଅର୍ଥ ବରାଦ କରା ଯାଇଛି ଜଣାଇବେ କି ?

----

## Establishment of new sub-treasury

5965 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- In absence of a Sub-Treasury offices at Block headquarters, the passing of bills and other financial transactions of different offices of Kokasara Block & Kalampur Block is being taken up by other nearby Sub- Treasury causing delay and difficulties in many folds, keeping this in view will the Govt. consider to establish a new Sub-Treasury office at Kokasara Block and another at Kalampur Block headquarters?

----

## ଉନ୍ନତ ମୋବାଇଲ ସେବା ପ୍ରଦାନ

5966 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତମାନ 5-G ସେବା ଉପଲବ୍ଧ ହେଉଥିବା ବେଳେ ରାଜ୍ୟର କେତୋଟି ଗ୍ରାମରେ ବର୍ତ୍ତମାନ ସୁଦ୍ଧା ମୋବାଇଲ ନେଟୱାର୍କ ଉପଲବ୍ଧ ନାହିଁ ତାହାର ଜିଲ୍ଲା ଓ ଗ୍ରାମ ୱାରୀ ତଥ୍ୟ ଦେବେ କି; କଳାହାଣ୍ଡି ଜିଲ୍ଲାରେ କେତୋଟି ଗ୍ରାମ ମୋବାଇଲ ନେଟୱାର୍କ ସେବାରୁ ବାଦ୍ ପଡିଛି ଓ କେବେ ସୁଦ୍ଧା ଏହି ଗ୍ରାମ ବାସୀ ମୋବାଇଲ୍ ସେବା ପାଇବେ?

----

## ଜଳବୁଡ଼ି ମୃତ୍ୟୁ ମାମଲାର ସଂଖ୍ୟା

5967 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ୫ବର୍ଷ ମଧ୍ୟରେ ରାଜ୍ୟର କେଉଁ ଜିଲ୍ଲାରେ କେତୋଟି ଜଳ ବୁଡି ମୃତ୍ୟୁ ମାମଲା ରୁଜୁ ହୋଇଛି; ଏହାର ଏକ ବର୍ଷଓ୍ୱାରୀ ତାଲିକା ପ୍ରଦାନ କରିବା ସହିତ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କର ହାରାହାରି ବୟସ କେତେ ରହିଛି ତାହା ଉଲ୍ଲେଖ କରିବେ କି; ରାଜ୍ୟରେ ଜଳବୁଡି ମୃତ୍ୟୁକୁ ରୋକିବାପାଇଁ ସରକାର କ'ଣ ସବୁ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବିଦେଶୀ ଭାଷା ଶିକ୍ଷା କାର୍ଯ୍ୟକ୍ରମ ପ୍ରଚଳନ

5968 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଭାଗ ଅଧୀନରେ ଥିବା ଓଡିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ)ରେ ଏବେ ଛାତ୍ରଛାତ୍ରୀମାନଙ୍କ ଲାଗି କେଉଁ କେଉଁ ପାଠ୍ୟକ୍ରମ ପ୍ରଚଳନ କରାଯାଉଛି ଏବଂ ଏହାର ଦେୟ କେତେ ରହିଛି ; ଓକାକ୍ ସହାୟତାରେ ପ୍ରଚଳନ ହେଉଥିବା ବିଦେଶୀ ଭାଷା ତାଲିମ କାର୍ଯ୍ୟକ୍ରମ କେବେ ଠାରୁ କେଉଁ କାରଣ ପାଇଁ ବନ୍ଦ ରହିଛି ; ବିଦେଶୀ ଭାଷା ଶିକ୍ଷା କାର୍ଯ୍ୟକ୍ରମ ପ୍ରଚଳନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ବାୟୁ ସ୍ୱାସ୍ଥ୍ୟ ସେବା

5969 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେବେଠାରୁ ବାୟୁ ସ୍ୱାସ୍ଥ୍ୟସେବା ଆରମ୍ଭ ହୋଇଛି ଏବଂ ବର୍ତ୍ତମାନ କେଉଁ କେଉଁ ଜିଲ୍ଲାରେ ଏହା ଉପଲବ୍ଧ ହେଉଛି; ରାଜ୍ୟ ସରକାର ଏଥିପାଇଁ ବାର୍ଷିକ କେତେ ଟଙ୍କା ବ୍ୟୟ କରୁଛନ୍ତି; ଝାରସୁଗୁଡା ଜିଲ୍ଲାକୁ ବାୟୁ ସ୍ୱାସ୍ଥ୍ୟସେବା ଯୋଜନାରେ ସାମିଲ ପାଇଁ ସରକାରଙ୍କର କୌଣସି ଯୋଜନା ଅଛି କି; ଯଦି ହଁ ତେବେ କେବେଠାରୁ ଏହା ଆରମ୍ଭ କରାଯିବ ?

----

## ଚିକିତ୍ସିତ ହେଉଥିବା ରୋଗୀଙ୍କ ସଂଖ୍ୟା

5970 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାଗୁଡିକରେ ବାର୍ଷିକ କେତେ ରୋଗୀ ଚିକିତ୍ସିତ ହେଉଛନ୍ତି ଏବଂ ଏମାନଙ୍କ ପାଇଁ ବାର୍ଷିକ ହାରାହାରି କେତେ ଟଙ୍କାର ଔଷଧ ଆବଶ୍ୟକ; ଜିଲ୍ଲାକୁ ଗତ ୫ବର୍ଷ ମଧ୍ୟରେ ସରକାର କେତେ ପରିମାଣର ଔଷଧ ଯୋଗାଣ କରିଛନ୍ତି ତାହାର ଏକ ବର୍ଷଓ୍ୱାରୀ ତାଲିକା ପ୍ରଦାନ ସହିତ ଜିଲ୍ଲାରେ କେତୋଟି ଘରୋଇ ଔଷଧ ଦୋକାନ ରହିଛି ଏବଂ ଏହିସବୁ ଔଷଧ ଦୋକାନ କେତେ ପରିମାଣର ବ୍ୟବସାୟ କରୁଛନ୍ତି ?

----

## ପ୍ରିମିୟର୍ ୟୁନିଭର୍ସିଟିମାନଙ୍କରେ ପୋଲିସ ଫାଣ୍ଡି ସ୍ଥାପନ

5971 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ପ୍ରିମିୟର୍ ୟୁନିଭର୍ସିଟିମାନଙ୍କ ଅଞ୍ଚଳରେ ପୋଲିସ ଫାଣ୍ଡି/ଆଉଟ୍‌ପୋଷ୍ଟ ସ୍ଥାପନ କରିବା ଓ ପର୍ଯ୍ୟାପ୍ତ ପୋଲିସ ଆକମୋଡେସନ ଏବଂ ପୋଲିସ ପରସନେଲ ନିଯୁକ୍ତି ପାଇଁ କୌଣସି ବିଶେଷ ବ୍ୟବସ୍ଥା କରାଯାଇଛି କି,(ଖ) ଭବିଷ୍ୟତରେ ସମସ୍ତ ୟୁନିଭର୍ସିଟିମାନଙ୍କରେ ଏକ ଆଧୁନିକ ଓ ଅପ୍ ଡେଟ୍ ପୋଲିସ ଫାଣ୍ଡି ସ୍ଥାପନ କରିବା ସହ ପର୍ଯ୍ୟାପ୍ତ ପୋଲିସ ବଳ ନିଯୁକ୍ତ କରି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଶାନ୍ତି ଶୃଙ୍ଖଳା ସୁନିଶ୍ଚିତ କରିବା ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ବିଚାରାଧୀନ ଅଛି କି?

----

## ହେଲ୍ଥ ସେଣ୍ଟରଗୁଡ଼ିକୁ ଅପଗ୍ରେଡ୍

5972 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଶ୍ୱବିଦ୍ୟାଳୟମାନଙ୍କରେ ଥିବା ହସ୍ପିଟାଲ୍/ହେଲ୍ଥ ସେଣ୍ଟରଗୁଡ଼ିକୁ ଅପଗ୍ରେଡ କରିବା ପାଇଁ ସରକାରଙ୍କ କୌଣସି ଯୋଜନା ଅଛି କି, ବର୍ତ୍ତମାନ ବିଶ୍ୱବିଦ୍ୟାଳୟମାନଙ୍କରେ କେତେ ଡାକ୍ତର ଓ ପାରାମେଡିକାଲ୍ ଷ୍ଟାଫ୍ କାର୍ଯ୍ୟରତ ଅଛନ୍ତି ଏବଂ କେତେ ପଦ ଖାଲି ରହିଛି ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟମାନଙ୍କରେ ଉଚ୍ଚମାନର ସ୍ୱାସ୍ଥ୍ୟ ସେବା (Quality Health Service) ଯୋଗାଇବା ପାଇଁ ସରକାର ବର୍ତ୍ତମାନ କଣ ପଦକ୍ଷେପ ନେଇଛନ୍ତି ଏବଂ ଭବିଷ୍ୟତରେ କଣ ପଦକ୍ଷେପ ନେବେ ?

----

## ଅଧିକାରୀଙ୍କ ନାମ

5973 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଟୋଲ୍-ଫ୍ରି ନମ୍ବର ଓ କଲ୍ ସେଣ୍ଟର ଜିଲ୍ଲା ଭିତ୍ତିକ ଓ ହସ୍ପିଟାଲ୍ ଭିତ୍ତିକ ଭାବେ କେଉଁ କେଉଁ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ତାଙ୍କର ନାମ ଓ ଫୋନ୍ ନମ୍ବର ସାର୍ବଜନୀନ କରିବା ପାଇଁ କିଛି ପଦକ୍ଷେପ ନେଇଛନ୍ତି କି, ଯଦି ନାହିଁ, ତେବେ ଲୋକ ପ୍ରତିନିଧି ଓ ସାଧାରଣ ଲୋକମାନେ ସିଧାସଳଖ ଭାବେ ଅଧିକାରୀମାନଙ୍କୁ ଅଭିଯୋଗ ପହଞ୍ଚାଇ ପାରିବେ ଏବଂ ତୁରନ୍ତ ସମାଧାନ ପାଇପାରିବେ ବୋଲି ଜିଲ୍ଲା ଭିତ୍ତିକ ଓ ହସ୍ପିଟାଲ୍ ଭିତ୍ତିକ ଅଧିକାରୀମାନଙ୍କର ନମ୍ବର ସାର୍ବଜନୀନ କରିବା ସହିତ ସେମାନଙ୍କୁ ଅଭିଯୋଗ ପାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେବାକୁ ସରକାର ଚିନ୍ତା କରୁଛନ୍ତି କି?

----

## ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବ୍ୟବସ୍ଥା

5974 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ସିମୁଳିଆ ନିର୍ବାଚନ ମଣ୍ଡଳୀ ଖଇରା ଓ ସିମୁଳିଆ CHC କୁ ପ୍ରତିଦିନ ଶହ ଶହ ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି ମାତ୍ର ଉକ୍ତ ଦୁଇଟି CHC ରେ ultra sound, MRI, CT Scan ଆଦି ପରୀକ୍ଷା ସୁବିଧା ନଥିବାରୁ ରୋଗୀମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି, ଉକ୍ତ ସବୁ ପରୀକ୍ଷା ପାଇଁ ରୋଗୀମାନେ ବହୁ କଷ୍ଟ ସ୍ୱୀକାର କରି ଏଠାରୁ ପ୍ରାୟ 100/140 km ଦୂର କଟକ ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି, ତେଣୁ ଦୁଇଟି CHC ରେ ଏହିସବୁ ପରୀକ୍ଷା ପାଇଁ ସୁବ୍ୟବସ୍ଥା କରିବେ କି ?

----

## ଆୟୁଷ୍ମାନ ଯୋଜନାରେ ଅର୍ଥ ପ୍ରଦାନ

5975 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର ଆୟୁଷ୍ମାନ ଯୋଜନା ପ୍ରଣୟନ ହେବାଠାରୁ ବର୍ତ୍ତମାନସୁଦ୍ଧା ସର୍ବମୋଟ କେତେ ଅର୍ଥ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି, ତନ୍ମଧ୍ୟରୁ କେତେଗୋଟି ସରକାରୀ hospital କୁ ଚିକିତ୍ସା ବାବଦରେ କେତେ ଅର୍ଥ ଦିଆଯାଇଛି ଓ ବେସରକାରୀ hospital କୁ ଚିକିତ୍ସା ବାବଦରେ କେତେ ଅର୍ଥ ଯୋଗାଇ ଦିଆଯାଇଛି ?

----

## ଥାନା ଗୃହ ମରାମତି

5976 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ଓ ଖଇରା ଥାନାର ନିଜସ୍ୱ ଗୃହ ଓ କର୍ମଚାରୀଙ୍କ ବାସଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଖବର ରାଜ୍ୟ ସରକାରଙ୍କ ନିକଟରେ ଅଛି କି, ଏଥିପାଇଁ ସାଧାରଣ ଜନସାଧାରଣଙ୍କର ଧନ ଜୀବନ ସୁରକ୍ଷା ଦେବାରେ ବ୍ୟାହତ ହେଉଥିବା ଓ କର୍ମଚାରୀ ରହିବା ଅନୁପଯୋଗୀ ହୋଇ ପଡିଥିବା ଯୋଗୁଁ ଏସବୁ ଜରାଜୀର୍ଣ୍ଣ କୋଠାବାଡି ଓ ବାସଗୃହ ନିର୍ମାଣ ପାଇଁ police housing corporation ବିଭାଗ ପଦକ୍ଷେପ ନେବେ କି ?

----

## AC ଚଳାଇବା ପାଇଁ ପଦକ୍ଷେପ

5977 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବାଲେଶ୍ୱର ଫକୀର ମୋହନ ମେଡ଼ିକାଲ କଲେଜର Radiology Dept ର X-Ray unit, casualty ଏବଂ burn unit ପାଖରେ AC ଚାଲୁନଥିବାର ଖବର ବିଭାଗ ପାଖରେ ଅଛି କି, ଖରା ଦିନରେ ପ୍ରବଳ ରୋଗୀଙ୍କ ଭିଡ଼ ବେଳେ ମେଡ଼ିକାଲ କଲେଜ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ନଦେବା କେତେଦୂର ଯୁକ୍ତିଯୁକ୍ତ, ଆଗକୁ ଫକୀରମୋହନ ମେଡ଼ିକାଲ କଲେଜର କୌଣସି ବିଭାଗରେ ଏପରି ଦାୟିତ୍ୱହୀନତା ପାଇଁ ବିଭାଗ କିଛି ପଦକ୍ଷେପ ଗ୍ରହଣ କରିବେ କି ?

----

## ଫାଣ୍ଡି ପ୍ରତିଷ୍ଠା

5978 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବଇଁଚା ଅଥବା ଟିଆଖିଆ ମଧ୍ୟରେ ନୂତନ ଥାନା ଓ କଷାଫଳ ଠାରେ ନୂତନ ଫାଣ୍ଡିର ପ୍ରତିଷ୍ଠା ପାଇଁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା, ତାହାର ବର୍ତ୍ତମାନର ସ୍ଥିତାବସ୍ଥା କଣ ଅଛି, ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ କହିବେ କି, (ଖ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଶ୍ରୀରାମପୁର, ରସଲପୁର, ହଳଦୀପଦା ଓ ରାଇସୁଆଁ ପଞ୍ଚାୟତକୁ ରୁପ୍ସା ଥାନା ଅଧିନରେ ଅନ୍ତର୍ଭୁକ୍ତ କରିବା ପାଇଁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ଅଭିଯୋଗ ଶୁଣାଣି

5979 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେଉଥିବା ଅଭିଯୋଗ ଶୁଣାଣିରେ ଅଦ୍ୟାବଧି କେତେ ଅଭିଯୋଗ ସଂଗୃହିତ ହୋଇଛି, ସେଥିମଧ୍ୟରୁ କେତେ ଶୁଣାଣି disposal ହୋଇଛି ଏବଂ କେତେ under process ରହିଛି ତାହାର ତଥ୍ୟ ପ୍ରଦାନ କରିବେ କି, Under process ରେ ଥିବା ଅଭିଯୋଗର ଶୁଣାଣି ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇଛି କି ?

----

## ଟ୍ରାଫିକ୍ ପୋଷ୍ଟ ଖୋଲିବା ପାଇଁ ପଦକ୍ଷେପ

5980 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଟକ ସହର ସହିତ ଚୌଦ୍ୱାର ଅଞ୍ଚଳରେ କେତୋଟି ଟ୍ରାଫିକ୍ ପୋଷ୍ଟ ବ୍ୟବସ୍ଥା କରାଯାଇଛି ପ୍ରକାଶ କରି ଯାନବାହନ ଚଳାଚଳ ଶୃଙ୍ଖଳିତ କରିବାକୁ ଅଧିକ ଟ୍ରାଫିକ୍ ପୋଷ୍ଟ ଖୋଲିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଦିଆଯାଇଥିବା ଠିକା କାର୍ଯ୍ୟ ସମ୍ପର୍କରେ

5981 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Odisha Police Housing Corporation କୁ ବିଗତ ତିନି ବର୍ଷରେ କେତେ ମୂଲ୍ୟର କେତୋଟି ଠିକା କାର୍ଯ୍ୟ ଦିଆଯାଇଥିବାବେଳେ ତନ୍ମଧ୍ୟରୁ କେତୋଟି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇଛି ଓ କେତୋଟି ଅପୂର୍ଣ୍ଣାଙ୍ଗ ଅଛି ଏହାକୁ ତୁରନ୍ତ ଶେଷ କରିବାକୁ କି ପଦକ୍ଷେପ ନିଆଯାଉଛି ?

----

## ଅବସର ପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ମଞ୍ଜୁର

5982 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂରୀକରଣ ପାଇଁ ସେମାନଙ୍କୁ ଚିକିତ୍ସା ଭତ୍ତା ମଞ୍ଜୁର ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ନୂତନ ଥାନା ଓ ଫାଣ୍ଡି ପ୍ରତିଷ୍ଠା**

5983 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲା ଖଣି ଓ ଶିଳ୍ପ ବହୁଳ ଅଞ୍ଚଳ ହୋଇଥିବାରୁ ଦିନକୁ ଦିନ ଜନ ସଂଖ୍ୟା ବୃଦ୍ଧି ପାଇଛି, ଜନ ସଂଖ୍ୟା ବୃଦ୍ଧି ପାଉଥିବାରୁ କେନ୍ଦୁଝର ଜିଲ୍ଲାରେ ମଧ୍ୟ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବା ଦିଗରେ କଷ୍ଟ ସାଧ୍ୟ ହେଉଅଛି, ତେଣୁ ଜିଲ୍ଲାରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବା ପାଇଁ ନୂତନ ଥାନା ଓ ଫାଣ୍ଡି ଅଧିକ ସଂଖ୍ୟାରେ ସରକାର ପ୍ରତିଷ୍ଠା କରିବା ନିମନ୍ତେ ବିଧିବଦ୍ଧ ପଦକ୍ଷେପ ନେବେ କି ?

----

**Average disposal for grievances**

5984 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- What is the average disposal time for grievances filed through Mo Sarkar and other citizen feedback platforms and how many cases remained unresolved beyond 60 days ?

----

**Allocation & Utilisation for electronics manufacturing**

5985 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Will the govt. Provide data on fund allocation and utilisation under the state's electronics manufacturing and start-up promotion policies, including the number of jobs created ?

----

**Pending forensic reports**

5986 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- How many pending forensic reports and criminal cases older than five years are awaiting investigation completion in Odisha police stations ?

----

## ନଷ୍ଟ ହେଉଥିବା ଔଷଧର ପରିମାଣ

5987 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ଔଷଧ ନିଗମ ବର୍ଷକୁ କି କି ପ୍ରକାର ଔଷଧ କ୍ରୟ କରୁଛି, ଏଥିପାଇ ଠିକା ସଂସ୍ଥାକୁ ନିୟୋଜିତ କରାଯାଇଛି କି, ଉତ୍ତର ଯଦି ହଁ ହୁଏ, ତେବେ କେଉଁ କେଉଁ ସଂସ୍ଥାକୁ ଏହି କାମ କେବେ ଠାରୁ ଦିଆଯାଇଛି, ଏଥିପାଇଁ ବାର୍ଷିକ କେତେ ପରିମାଣ ଔଷଧ କ୍ରୟ କରାଯାଉଛି, ପ୍ରତିବର୍ଷ କେତେ ଔଷଧ ଅବଧି ପୂରଣ ଯୋଗୁଁ ନଷ୍ଟ କରାଯାଉଛି, ଗତ ଦୁଇ ବର୍ଷ ମଧ୍ୟରେ ଅବଧି ପୂରଣ ଯୋଗୁଁ ନଷ୍ଟ କରାଯାଇଥିବା ଔଷଧର ପରିମାଣ କେତେ ?

----

## ଆଟ୍ରୋସିଟି ମାମଲା

5988 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ କେତୋଟି ଆଟ୍ରୋସିଟୀ ମାମଲା ରୁଜୁ ହୋଇଛି, ସେଥିମଧ୍ୟରୁ କେତେ ମାମଲା ଅସତ୍ୟ ବୋଲି ପ୍ରମାଣିତ ହୋଇଛି, ଅସତ୍ୟ ଆଟ୍ରୋସିଟୀ ମାମଲାରେ କେଉଁ ଥାନାରେ କେତେ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀ ଆର୍ଥିକ ଜରିମାନାରେ ଦଣ୍ଡିତ ହୋଇଛନ୍ତି ସେମାନଙ୍କ ଜରିମାନା କିଭଳି ଆଦାୟ ହୋଇଛି, ଏ ବାବଦକୁ ରାଜ୍ୟ ସରକାର କେତେ ଜରିମାନା ରାଜକୋଷରୁ ବହନ କରିଛନ୍ତି ?

----

## ସଂକ୍ରମଣ ରୋଗର ନିରାକରଣ

5989 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଜପତି ଜିଲ୍ଲା ମୋହନା ବ୍ଲକର ଦୁର୍ଗମ ଗୁରୁଝୁଳି ଗ୍ରାମରେ ମିଳିମିଳା ରୋଗ ବ୍ୟାପିବା ସହିତ ସ୍ୱାସ୍ଥ୍ୟ ସେବା ଅଭାଗ ଯୋଗୁଁ ସେଠାକାର ଗ୍ରାମବାସୀ ବାଧ୍ୟ ହୋଇ ଚେରମୂଳି ଚିକିତ୍ସା ପଦ୍ଧତି ଉପରେ ନିର୍ଭର କରୁଥିବା ସମ୍ବନ୍ଧରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ, ଉକ୍ତ ଜିଲ୍ଲାରୁ ସମ୍ପୂର୍ଣ୍ଣ ମିଳିମିଳା, ହାଡପୁଟି ଓ ବସନ୍ତ ରୋଗ ପ୍ରଭାବରୁ ଯେପରି ସମ୍ପୂର୍ଣ୍ଣ ମୁକ୍ତ ହେବେ ଅଥିନିମନ୍ତେ ସରକାର କି କି ପଦକ୍ଷେପ ଗ୍ରହଣ କରିବେ ?

----

## CCTV footage ସଂଗ୍ରହ ସମ୍ପର୍କରେ

5990 **ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ୨୦୨୨ ରୁ ୨୦୨୫ ମସିହା ଜୁନ ମାସ ମଧ୍ୟରେ ପୋଲିସ ବେତାର ବିଭାଗର ଭୁବନେଶ୍ୱରସ୍ଥ କେତେକ କର୍ମଚାରୀ ଉଦ୍ଦେଶ୍ୟମୂଳକ ଭାବେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରୁ CCTV footage ସଂଗ୍ରହ କରି ସୋସିଆଲ ମିଡ଼ିଆ ରେ viral କରିବା ଯୋଗୁଁ କିଛି କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ (suspension & proceeding) ହେବା ସହିତ ପଦୋନ୍ନତି ରୁ ବଞ୍ଚିତ ହୋଇଥିବା ଖବର ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, (ଖ) ବେନିୟମ ଭାବେ CCTV ସଂଗ୍ରହରେ ସଂଶ୍ଳିଷ୍ଟ କର୍ମଚାରୀଙ୍କ ନାମ, rank ଜଣାଇବା ସହିତ ସେମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ନିଆ ଯାଇଛି ?

----

**Establishment New Hospital**

5991 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government is aware that due to the increasing population and heavy patient load, existing Government hospitals including the District Headquarters Hospital Bolangir are facing pressure and patients are not getting timely treatment; if so, (b) Whether the Government proposes to establish new hospitals, upgrade Community Health Centres and Primary Health Centres, or increase bed capacity and medical facilities in Balangir district, and the details thereof ?

----

**Assessment of Socio-Economic condition**

5992 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Whether the Government has conducted any assessment regarding the socio-economic backwardness of Balangir district and whether any special financial package or additional budgetary support has been provided for its overall development; if so, the details of funds allocated, released, and utilized for infrastructure, irrigation, healthcare, education, and employment generation during the last three years, and the steps proposed by the Government to accelerate development in the district ?

----

## ଫାଣ୍ଡି ସ୍ଥାପନ

5993 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଯାଜପୁର ଜିଲ୍ଲା ବଡଚଣା ବ୍ଲକର ଜନସଂଖ୍ୟା ବୃଦ୍ଧି ଓ ଭୌଗୋଳିକ ସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ନୂତନ ପୋଲିସ ବିଟ୍-ହାଉସ କିମ୍ବା ଫାଣ୍ଡି ସ୍ଥାପନ କରିବା ପାଇଁ ସରକାରଙ୍କ ନିକଟରେ କୌଣସି ପ୍ରସ୍ତାବ ଅଛି କି; (ଖ) ବିଶେଷ କରି ପ୍ରସିଦ୍ଧ ଧାର୍ମିକ ସ୍ଥଳୀ ମହାବିନାୟକ, ଛତିଆ ଜଗନ୍ନାଥ ମନ୍ଦିର ଏବଂ ଓଳାଶୁଣି ଗୁମ୍ଫା ନିକଟରେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ପରିଚାଳନା ଏବଂ ସୁରକ୍ଷା ପାଇଁ ଅତିରିକ୍ତ ପୋଲିସ ବଳ ମୃତୟନ କରିବା ପାଇଁ ସରକାର କୌଣସି ସମୟସୀମା ଧାର୍ଯ୍ୟ କରିଛନ୍ତି କି ?

----

## ଡାକ୍ତର ପଦବୀ ପୂରଣ

5994 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅଧୀନରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (CHC) ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (PHC) ଗୁଡିକରେ ବହୁ ଦିନ ଧରି ଡାକ୍ତର, ବିଶେଷଜ୍ଞ ଏବଂ ନର୍ସ ପଦ ଖାଲି ପଡିଥିବା ହେତୁ ରୋଗୀମାନେ ଚିକିତ୍ସା ପାଇଁ କଟକ ବା ଭୁବନେଶ୍ୱର ଉପରେ ନିର୍ଭର କରୁଥିବା ସରକାର ଜାଣନ୍ତି କି ; (ଖ) ଗତ ୬ ମାସ ମଧ୍ୟରେ ଏହି ପଦଗୁଡିକୁ ପୂରଣ କରିବା ପାଇଁ ବିଭାଗ ତରଫରୁ କି ପଦକ୍ଷେପ ନିଆଯାଇଛି ଏବଂ ଏହି ନିଯୁକ୍ତି ପ୍ରକ୍ରିୟା କେବେ ସୁଦ୍ଧା ଶେଷ ହେବ ଏବଂ ବଡଚଣା ବ୍ଲକରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସରକାର କୌଣସି ସ୍ୱତନ୍ତ୍ର ପ୍ୟାକେଜ୍ କିମ୍ବା ଅତିରିକ୍ତ ଅନୁଦାନ ମଂଜୁର କରିଛନ୍ତି କି?

----

## ଆଇସିୟୁ ବେଡ୍ ଉପଲବ୍ଧ ସମ୍ପର୍କରେ

5995 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ସରକାର କେଉଁ ହସ୍ପିଟାଲରେ କେତୋଟି ଆଇସିୟୁ ବେଡ୍ ଖାଲି ଅଛି ବୋଲି ଜଣାପଡ଼ିବାକୁ ଏକ ଆଇସିୟୁ ମ୍ୟାନେଜମେଣ୍ଟ ବା ଡାଟାବେସ୍ ସିଷ୍ଟମ ଆରମ୍ଭ କରିବା ପାଇଁ କୌଣସି ପଦକ୍ଷେପ ନେଇଛନ୍ତି କି, ଯଦି ଏପରି କୌଣସି ବ୍ୟବସ୍ଥା ନଥାଏ, ତେବେ ଗୁରୁତର ରୋଗୀମାନେ ହସ୍ପିଟାଲରୁ ହସ୍ପିଟାଲ ଘୁରିବାକୁ ପଡୁଥିବା ସମସ୍ୟାକୁ ଦୂର କରିବା ପାଇଁ ସରକାର କୌଣସି ଯୋଜନା ବିଚାରାଧୀନ ରଖିଛନ୍ତି କି ?

----

## ଆଇନ ଶୃଙ୍ଖଳା ପରିସ୍ଥିତିର ସୁଧାର

5996 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ହତ୍ୟା, ଚୋରି, ରାହାଜାନି, ଲୁଟ୍‌ପାଟ୍ ଓ ଅନ୍ୟାନ୍ୟ ଅପରାଧ ଘଟଣା ବୃଦ୍ଧିର ପରିସ୍ଥିତିକୁ ରୋକିବା ଓ ଅପରାଧ ହାର କମେଇବା ପାଇଁ ସରକାର କେମିତି ପଦକ୍ଷେପ ଗ୍ରହଣ କରୁଛନ୍ତି, ରାଜ୍ୟରେ ଶାନ୍ତି-ଶୃଙ୍ଖଳା ରକ୍ଷା କରିବା ପାଇଁ କୌଣସି ବିଶେଷ ଟାସ୍କ ଫୋର୍ସ କିମ୍ବା ବିଶେଷ ଅଭିଯାନ ଗଠନ କରିବା ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ଅଛି କି, ସାଧାରଣ ଲୋକମାନେ ନିରାପଦ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ରହିବା ପାଇଁ ସରକାର ଆଗାମୀଦିନରେ କେଉଁ କେଉଁ ବିଶେଷ ପଦକ୍ଷେପ ନେବାକୁ ଯାଉଛନ୍ତି ?

----

## ଯୋଜନାରେ ଅର୍ନ୍ତଭୂକ୍ତ ପରିବାର ସଂଖ୍ୟା

5997 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ (ବାସ୍ଥ୍ୟ) ଯୋଜନାରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କେତେ ଗୋଟି ଯୋଗ୍ୟ ପରିବାରକୁ ଅର୍ନ୍ତଭୁକ୍ତ କରାଯାଇଛି, ସେମଧ୍ୟରୁ ବର୍ତ୍ତମାନ ସୁଦ୍ଧା ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର କେଉଁ କେଉଁ ଗ୍ରାମପଂଚାୟତ ଏବଂ କଣ୍ଟାବାଞ୍ଜି ଏନ୍.ଏ.ସି. ଅଂଚଳର କେଉଁ ୱାର୍ଡର କେତେ ଗୋଟି ପରିବାରକୁ ଉକ୍ତ ସାସ୍ଥ୍ୟ କାର୍ଡ କେଉଁ ବ୍ୟକ୍ତି କିମ୍ବା ସଂସ୍ଥା ଜରିଆରେ ବଣ୍ଟନ କରାଯାଇଛି; (ଖ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଅନେକ ଗରିବ ଓ ଆର୍ଥିକ ଦୁର୍ବଳ ଶ୍ରେଣୀ ତଥା ଖାଉଟୀ କାର୍ଡଧାରୀ ପରିବାର ବା ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ଅର୍ନ୍ତଭୂକ୍ତ ହୋଇନଥିବା କିମ୍ବା ସ୍ୱାସ୍ଥ୍ୟ କାର୍ଡ ପାଇନଥିବାରୁ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସା ବେଳେ ଏହି ଯୋଜନାର ସୁବିଧା ପାଇବାରୁ ବଂଚିତ ହେଉଥିବାରୁ ଯୋଗ୍ୟ ପରିବାରକୁ କାର୍ଡ ଯୋଗେଇଦେବାକୁ ପଦେକ୍ଷେପ ନେବେ କି ?

----

## ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ମୋବାଇଲ ଓ ଇଣ୍ଟରନେଟ ସୁବିଧା

5998 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର ଅନେକ ଗ୍ରାମ ତଥା କଣ୍ଟାବାଞ୍ଜି ଏନ୍.ଏ.ସି. ଅଂଚଳରେ ଜୀଓ ଏବଂ ଏୟାରଟେଲ୍ କମ୍ପାନୀ ଜରିଆରେ ୪ ଜି ଓ ୫ଜି ( Mobile and 4G & 5G Internet service) ସେବା ଯୋଗେଇ ଦିଆଯାଉଛି, କିନ୍ତୁ Internet service ଅତି ନିମ୍ନମାନର ହୋଇଥିବା ଅଥବା ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଇଣ୍ଟରନେଟ ପ୍ରସାରଣ ଯନ୍ତ୍ରର ବ୍ୟବହାର କରାଯାଉନଥିବାରୁ ଅଂଚଳର ଖାଉଟୀ /ଗ୍ରାହାକ ବନ୍ଧୁ, ବିଶେଷକରି ସ୍କୁଲ ଛାତ୍ରଛାତ୍ରୀମାନେ ଅନ୍ ଲାଇନ କ୍ଲାସ କରିବାରେ ବିଫଳ ହେଉଛନ୍ତି ଓ ଉଚିତ ସେବା ପାଇବାରୁ ବଂଚିତ ହେଉଥିବାରୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଂଚଳରେ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ମୋବାଇଲ ଓ ଇଣ୍ଟରନେଟ ଯୋଗେଇଦେବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ କି ?

----

## ଟ୍ରେଜେରୀ ଅଫିସର ନିୟୋଜନ

5999 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ରାଜ୍ୟର କେତେଗୋଟି ଟ୍ରେଜେରୀ, ସବଟ୍ରେଜେରୀର ନିୟମିତ ଟ୍ରେଜେରୀ ଅଫିସର ନିୟୋଜିତ ନାହାଁନ୍ତି ପ୍ରକାଶ କରି ଏଠାରେ ସ୍ୱତନ୍ତ୍ରଭାବେ ଟ୍ରେଜେରୀ ଅଫିସର ନିୟୋଜନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଅର୍ଦ୍ଧନିର୍ମିତ କୋଠା ଜବରଦଖଲ ମୁକ୍ତ କରିବାକୁ ପଦକ୍ଷେପ

6000 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ରାଜଧାନୀ ଭୁବନେଶ୍ୱର କେଉଁ ୟୁନିଟ, ଓ କେଉଁ ଅଞ୍ଚଳରେ ସରକାରୀ କୋଠା ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଯୋଗୁଁ ଏହା ଜବରଦଖଲ ହୋଇଛି ପ୍ରକାଶ କରି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହି ସ୍ଥାନକୁ ଚିହ୍ନଟ କରି ଏହାକୁ ଜବରଦଖଲମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଚାକିରୀ ସ୍ଥାୟୀ କରିବା ପାଇଁ ପଦକ୍ଷେପ

6001 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି)ः**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର ସମସ୍ତ ରକ୍ତଭଣ୍ଡାର ମାନଙ୍କରେ ଶତାଧିକ କର୍ମଚାରୀ(L.T., S.N., ACCOUNTANT, DEO, ATTENDANT, SWEEPER, CLERK ଓ DRIVER) ବର୍ଗର 24 X 7 ବିନା ବିରାମରେ ଜରୁରୀକାଳୀନ ସେବା ଯୋଗାଇ ଆସୁଛନ୍ତି କିନ୍ତୁ ସେମାନଙ୍କୁ ଦୈନିକ ମଜୁରୀ ହିସାବରେ ପ୍ରାପ୍ୟ ଦିଆଯାଉଛି, ଏହାକୁ ଦୃଷ୍ଟିରେ ରଖି ବିଭାଗ ସେମାନଙ୍କ ଚାକିରୀର ନିୟମିତ କରି ପୂରା ଦରମା ଦେବାର ବ୍ୟବସ୍ଥା କରିବେ କି ?

----

## ବେତନ ଅସଙ୍ଗତି

6002 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି)ः**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଅଣତାରକା ପ୍ରଶ୍ନ ସଂଖ୍ୟା 2028 ତା. ୦୨.03.2026 ରିଖ ରେ ପ୍ରଶ୍ନର ଉତ୍ତର ପରିପ୍ରେକ୍ଷୀରେ OPSA :- Ref no 22/OPSA/2025-26 Dtd. 04.୦୨.2025 ମାଧ୍ୟମରେ ଅବଗତ କରାଯାଇଥିଲା କି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ପତ୍ର ସଂଖ୍ୟା 163୨, ତା.୦୪.୦୪.2025 ରିଖ ଅନୁସାରେ ଫାର୍ମାଶୀ ଅଧିକାରୀଙ୍କ ମୂଳ ଦରମା ପରିବର୍ତ୍ତନ ନିମନ୍ତେ ବିଗତ ଦିନରେ File No-PT1-HFW-MSIII-MSNGIM-0010-2025 ଅନୁସାରେ କଣ କଣ ପଦକ୍ଷେପ ନିଆଯାଇଛି ଓ କେବେ ସୁଦ୍ଧା ଏହି ବେତନ ଅସଙ୍ଗତର ସଠିକ ସମାଧାନ ହେବ ?

----

## ଅପରାଧ ନିୟନ୍ତ୍ରଣ ପାଇଁ ପଦକ୍ଷେପ

6003 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ଅଞ୍ଚଳରେ ହତ୍ୟା, ଲୁଟ, ଡକାୟତି, ନାରୀ ନିର୍ଯ୍ୟାତନା ଓ ଅନ୍ୟାନ୍ୟ ଗୁରୁତର ଅପରଧ ବିଗତ ତିନି ବର୍ଷ ମଧ୍ୟରେ ରାଜ୍ୟରେ ଘଟିଥିବା ଘଟଣାର ଜିଲ୍ଲାୱାରୀ ସଂଖ୍ୟା କେତେ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ସୁଧାରିବା ଏବଂ ଅପରାଧ ନିୟନ୍ତ୍ରଣ ପାଇଁ ସରକାର କୌଣସି ବିଶେଷ ପଦକ୍ଷେପ କିମ୍ୱା କଠୋର ବ୍ୟବସ୍ଥା ଗ୍ରହଣ କରିଛନ୍ତି କି, ଯଦି ହଁ, ତେବେ ସେଗୁଡ଼ିକର ବିବରଣୀ କଣ ଏବଂ ଅପରାଧ ରୋକିବା ପାଇଁ ପୁଲିସ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସରକାରଙ୍କ ପକ୍ଷରୁ କେଉଁ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ମୋବାଇଲ ଟାରିଫ ବୃଦ୍ଧି

6004 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ)ରାଜ୍ୟରେ କାର୍ଯ୍ୟରତ ଟେଲିକମ୍ କମ୍ପାନୀମାନେ ପ୍ରାୟତଃ ମନମୁଖୀ ଭାବରେ ମୋବାଇଲ ଟାରିଫ୍ ବୃଦ୍ଧି କରୁଛନ୍ତି ଯାହା ଗରିବ ଓ ମଧ୍ୟବର୍ଗ ଉପରେ ଅତିରିକ୍ତ ଆର୍ଥିକ ଭାର ସୃଷ୍ଟି କରୁଥିବା ସରକାରଙ୍କ ନଜରକୁ ଆସିଛି କି ; (ଖ) ଯେତେବେଳେ ମୋବାଇଲ ସେବା ବର୍ତ୍ତମାନ OTP, ଆଧାର ସତ୍ୟାପନ, ବ୍ୟାଙ୍କି ଓ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି, ସେପରି ସ୍ଥିତିରେ ଏହି ମନମୁଖୀ ଟାରିଫ୍ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ସରକାର କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି କି; ଯଦି ହଁ, ତେବେ ସେଗୁଡ଼ିକର ବିବରଣୀ କ'ଣ ଏବଂ ଗ୍ରାହକଙ୍କ ହିତ ସୁରକ୍ଷା ପାଇଁ ଆଗାମୀ ଦିନରେ ସରକାରଙ୍କ କୌଣସି ନିୟନ୍ତ୍ରଣାତ୍ମକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ପରିକଳ୍ପନା ରହିଛି କି ?

----

## ପୋଲିସ ପଦବୀ ପୂରଣ

6005 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାୟଗଡ଼ା ଜିଲ୍ଲାରେ ଥିବା ବିଭିନ୍ନ ପୋଲିସ ଥାନା ଏବଂ,ଫାଣ୍ଡି ଗୁଡ଼ିକରେ କେତୋଟି ସବ୍ ଇନ୍ସପେକ୍ଟର, ଏଏସ୍ଆଇ ଏବଂ କନେଷ୍ଟବଳ ପଦବୀ ମଞ୍ଜୁର ସଂଖ୍ୟା କେତେ ଏବଂ ସେଥିମଧ୍ୟରୁ ବର୍ତ୍ତମାନ କେତୋଟି ପଦବୀ ଖାଲି ପଡ଼ିଛି; ଜାତୀୟ ହାର ତୁଳନାରେ ରାୟଗଡ଼ା ଜିଲ୍ଲାରେ ପୋଲିସ କନସଂଖ୍ୟା ଅନୁପାତ କେତେ ରହିଛି, ଜନସଂଖ୍ୟା ଅନୁପାତରେ ପୋଲିସ ବଳ ଯଥେଷ୍ଟ କମ୍ ଥିବା ଯୋଗୁଁ ଅପରାଧର ତଦନ୍ତ ଏବଂ ନିୟନ୍ତ୍ରଣ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି କି; (ଖ) ଏହି ଖାଲି ପଦବୀ ଗୁଡ଼ିକୁ ପୂରଣ କରିବା ପାଇଁ ସରକାର କୌଣସି ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି କି; ଏହା କେବେ ସୁଦ୍ଧା ଶେଷ ହେବ ?

----

## ଜେଲଖାନା ମାନଙ୍କରେ କଏଦୀ ଧାରଣ କ୍ଷମତା

6006 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଭିନ୍ନ ଜେଲଖାନା ମାନଙ୍କରେ କଏଦୀ ଧାରଣ କ୍ଷମତା କେତେ ଏବଂ ସେଥିରୁ କେତେ ଅଧିକ କିମ୍ବା କମ ଦଣ୍ଡିତ ଓ ବିଚାରଧୀନ ବନ୍ଦୀ ରହୁଛନ୍ତି, ସରକାର ଅଧିକ ଜେଲଖାନା ତିଆରି କରିବାର ଅଥବା ପୁରୁଣା ଜେଲଖାନା ସ୍ଥାନାନ୍ତର କରିବାର ପ୍ରସ୍ତାବ ରଖିଛନ୍ତି କି, ଯଦି ହଁ ତାହାର ପୂର୍ଣ୍ଣ ବିବରଣୀ ଦେବେ କି ?

----

## Severe Shortage of Doctors

6007 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Whether The Government Is aware that the Community Health Centre (CHC) in Gumma, Gajapati District Ii facing a severe shortage of doctors, Specialists, And Support Staff, Causing Hardship For The Rural And Tribal Population; What Is The Current Sanctioned Strength Versus the Number Of Vacant Positions for Doctors, Nurses, and Technicians at CHC Gumma; What is the Current Status Of Diagnostic Services (X-Ray, Laboratory) and the availability Of essential Medicines under the Niramaya Scheme at this CHC; What Concrete Steps are being taken to improve Infrastructure And Ensure 24/7 Services At CHC Gumma; What Is The timeline set by the Government to fill vacant positions and enhance the quality of services at CHC Gumma?

----

## IGH Hospital ରେ ଖାଲିଥିବା Doctor ଙ୍କ ପଦବୀ

6008 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଉରକେଲା ସ୍ଥିତ IGH Hospital ରେ ବର୍ତ୍ତମାନ କେତେ Doctor ଙ୍କ ଅନ୍ୟାନ୍ୟ ପଦବୀ ଖାଲିଅଛି, ଖାଲିଥିବା ପଦବୀ ଦୀର୍ଘଦିନହେଲା ପୂରଣ ନହେବାରୁ ରୋଗୀ ସେବାରେ ଘୋର ବ୍ୟାଘାତ ସୃଷ୍ଟି ହେଉଥିବା କଥା ସରକାର ଜାଣନ୍ତି କି, ଯଦି ହଁ ତେବେ ଖାଲିଥିବା ପଦବୀ ଗୁଡିକ ପୂରଣପାଇଁ ପଦକ୍ଷେପ ନେବେ କି ?

----

## କିଡିନୀ ଚିକିତ୍ସା ବ୍ୟବସ୍ଥା

6009 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଛତ୍ରପୁର ନିର୍ବାଚନ ମଣ୍ଡଳୀରୁ କିଡିନୀ ସମ୍ୟନ୍ଧୀୟ ସମସ୍ୟା ସମ୍ପର୍କରେ ଅନେକ ଅଭିଯୋଗ ପାଉଛି ଗଞ୍ଜାମ ଜିଲ୍ଲାରେ, ବିଶେଷ କରି ଛତ୍ରପୁର ନିର୍ବାଚନ ମଣ୍ଡଳୀରେ କିଡିନୀ ରୋଗୀଙ୍କ ସଂଖ୍ୟା ଏବଂ ଅନ୍ୟ ଜିଲ୍ଲା ତୁଳନାରେ ପ୍ରତିଶତ ବିଷୟରେ ସୂଚନା ସରକାର ଦେଇ ପାରିବେ କି, ଏହା ବ୍ୟତୀତ ସ୍ଥାନୀୟ ଚିକିତ୍ସା ସକ୍ଷମ କରିବା ଏବଂ ଷ୍ଟସିଦାଙ୍କ ଭୁବନେଶ୍ୱର ଯାତ୍ରା ଆବଶ୍ୟକତାକୁ ରାସ କରିବାପାଇଁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (MKCG) ମେଡିକାଲ କଲେଜ ଏବଂ ହସ୍ପିଟାଲ ଅତିରିକ୍ତ ଡାଏଲେସିସ୍ ପ୍ରତିଷ୍ଠା କରିବାର ଯୋଜନା ଅଛି କି ?

----

## ଦମକଳ କେନ୍ଦ୍ର ସ୍ଥାପନ

6010 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଅଣତାରକା ପ୍ରଶ୍ନ 2032 ତା. ୦୨.03.2026 ର ଉତ୍ତର ପରିପ୍ରେକ୍ଷୀରେ କେବେ ସୁଦ୍ଧା ସୋରୋ ସହରରେ traffic ୟୁନିଟ ସ୍ଥାପନ ହୋଇ କାର୍ଯ୍ୟ ଆରମ୍ଭ ହେବ ତାର ସମସ୍ତ ତଥ୍ୟ ପ୍ରଦାନ କରିବେ କି, (ଖ) ସୋର ଦମକଳ କେନ୍ଦ୍ର ର କାର୍ଯ୍ୟ କ୍ଷେତ୍ର ର ପରିମାଣ ଅଧିକ ଏବଂ ସୋରୋ ଦମକଳ କେନ୍ଦ୍ର କାର୍ଯ୍ୟାଳୟ NH ପାଖରେ ଅବସ୍ଥିତ ଆବଶ୍ୟକତା କୁ ଭିତ୍ତି କରି ସୋର ଦମକଳ କେନ୍ଦ୍ର କାର୍ଯ୍ୟାଳୟର ଭିତ୍ତିଭୂମି ଉନ୍ନତି ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ?

----

## ମାଗଣା ଚିକିତ୍ସା ପ୍ରଦାନ

6011 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୫-୨୬ ଆର୍ଥିକ ବର୍ଷର ଆଜି ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାର ବ୍ଲକ ଏବଂ ପୌରାଞ୍ଚଳ ଅନୁଯାୟୀ ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ କେତେ ସଂଖ୍ୟକ ହିତାଧିକାରୀଙ୍କୁ କେତେ ଟଙ୍କାର ମାଗଣା ଚିକିତ୍ସା ସେବା ପ୍ରଦାନ କରାଯାଇଛି, ସେ ସମ୍ପର୍କିତ ଏକ ତାଲିକା ପ୍ରଦାନ କରିବେ କି; ଏଥିସହିତ, ଯଦି କୌଣସି ଅନୁବନ୍ଧିତ ଘରୋଇ ଡାକ୍ତରଖାନା ଚିକିତ୍ସା ଯୋଗାଇବାରେ ଅବହେଳା କରନ୍ତି ବା କାର୍ଡ ଗ୍ରହଣ ନକରନ୍ତି, ତେବେ ବାଲେଶ୍ୱର ଜିଲ୍ଲାରେ ଏହାର ଅଭିଯୋଗ ଶୁଣାଣି ପାଇଁ କି ବ୍ୟବସ୍ଥା ରହିଛି ?

----

## ଅଧିକାରୀଙ୍କ ବିରୁଦ୍ଧରେ ଦୁର୍ନୀତି ମାମଲା

6012 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚଳିତ ଆର୍ଥିକ ବର୍ଷରେ (୧୩ ମାର୍ଚ୍ଚ ୨୦୨୬ ସୁଦ୍ଧା) ରାଜ୍ୟରେ କେତେ ଜଣ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଦୁର୍ନୀତି ମାମଲା ରୁଜୁ କରାଯାଇଛି; ସେମାନଙ୍କ ମଧ୍ୟରୁ କେତେ ଜଣ Class-I ଏବଂ କେତେ ଜଣ Class-II ଅଧିକାରୀ ଅଛନ୍ତି; (କ) ଏହି ସମୟ ମଧ୍ୟରେ କେତୋଟି ମାମଲାର ବିଚାର ଶେଷ ହୋଇଛି ଏବଂ ସେଥିରୁ କେତେ ଜଣ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ କେତେ ଜଣ ଅଧିକାରୀଙ୍କୁ ବାଧ୍ୟତା ମୂଳକ ଅବସର କିମ୍ୱା ଚାକିରିରୁ ବହିଷ୍କୃତ କରାଯାଇଛି; (ଖ) ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ଭିଜିଲାନ୍ସ ଚଢ଼ାଉ ସମୟରେ କେତେ ନଗଦ ଟଙ୍କା ଜବତ କରାଯାଇଛି; ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କେତେ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତି କରାଯାଇଛି?

----

## ଓଡିଶା ଭବନର ପୁନଃ ନିର୍ମାଣ

6013 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଓଡିଶା ସରକାରଙ୍କ ଅଧୀନରେ ଥିବା ଦିଲ୍ଲୀ ସ୍ଥିତ ଓଡିଶା ଭବନକୁ ଭାଙ୍ଗି ଦିଆ ଯାଇଛି କି, ଯଦି ହଁ ତେବେ କେବେ ସୁଦ୍ଧା ଏହାର ପୁନଃନିର୍ମାଣ ସରି କାର୍ଯ୍ୟକ୍ଷମ ହେବ, (ଖ) ଓଡିଶା ଭବନ ବର୍ତ୍ତମାନ ପାଇଁ କାର୍ଯ୍ୟକ୍ଷମ ନଥିବାରୁ ଅନ୍ୟ କେଉଁ ହୋଟେଲ କୁ ସରକାରୀ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ପାଇଁ ରୁମ ଯୋଗାଇବାକୁ ଭଡା ସୂତ୍ରରେ ଅନୁବନ୍ଧିତ କରାଯାଇଛି ତାହା ଜଣେଇବେ କି, ଏବଂ ଏହି ବାବଦରେ ମାସକୁ ସରକାରଙ୍କ ତହବିଲରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି?

----

## ସରକାରୀ ଅର୍ଥ ହଡ଼ପ୍

6014 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡିଶା ପୋଲିସ ବେତାର ଓ Communication Range କାର୍ଯ୍ୟାଳୟର କେତେକ ଅଧିକାରୀ ବେନିୟମ ଭାବେ ରାଜ୍ୟ ଅର୍ଥ ବିଭାଗ Resolution No. 44800 dtd. 30.09.2008 ଏବଂ Addendum No. 36913/D & A dtd.26.09.2017 କୁ ଦୁରୁପଯୋଗ ଓ ଉଲଂଘନ କରି ବେନିୟମ ଭାବେ ମୂଳ ଦରମାର 15% ଅର୍ଥ SIP ଭାବରେ ହଡପ କରିଥିବା ଖବର ସମ୍ପର୍କରେ ରାଜ୍ୟ ସରକାର ଅବଗତ ଅଛନ୍ତି କି; (୧) ତେବେ 2018 ଠାରୁ ଅଦ୍ୟାବଧି Signal Estt ଓ କମୁନିକେସନ range କାର୍ଯ୍ୟଳୟର କେତେଜଣ ଓ କେଉଁ ପୋଲିସ ଅଧିକାରୀ (except from rank of Constable to Inspector) ବେନିୟମ ଭାବେ ଉପରୋକ୍ତ ସୁବିଧା ଆପଣେଇଛନ୍ତି, ସେମାନଙ୍କ ନାମ ଓ Rank, ଆତ୍ମସାତ କରିଥିବା ମୋଟ ସରକାରୀ ଅର୍ଥ ପରିମାଣ, ଅର୍ଥ recovery ପାଇଁ ସରକାର ନେଇଥିବା କାର୍ଯ୍ୟାନୁଷ୍ଠାନ ବା କେବେ ସୁଦ୍ଧା ନେବେ?

----

## ପେନସନ୍ ପ୍ରଦାନ ସମ୍ପର୍କରେ

6015 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 1975 ମସିହାରେ ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ମିଶା ଆଇନରେ କାରାବରଣ କରିଥିବା କେତେଜଣ ସଂଗ୍ରାମୀଙ୍କୁ ପେନସନ୍ ବା ଭତ୍ତା ପ୍ରଦାନ କରାଯାଉଛି, ପ୍ରକାଶ କରି ଏହି ଆନ୍ଦୋଳନରେ ଭାଗ ନେଇ କାରାବରଣ କରିଥିବା ମୃତ ସଂଗ୍ରାମୀମାନଙ୍କ ଧର୍ମପତ୍ନୀମାନଙ୍କୁ ପେନସନ୍ ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିବେ କି?

----

## ଦାବୀ ପୂରଣ

6016 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଆଉଟସୋର୍ସିଂ କର୍ମଚାରୀ ମହାସଙ୍ଘ ଗତ ତା.26.03.2025, 27.03.2025 ଏବଂ 28.03.2025 ରିଖ ଦିନ (Lower PMG) ଠାରେ ଆନ୍ଦୋଳନ କରିଥିଲେ ; ଏହାର ସମାଧାନ ଦିଗରେ ଆପଣ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ ; ସେମାନଙ୍କ ଦାବୀ ପୂରଣ ପାଇଁ ଏକ ମାସ ସମୟ ନେଇଥିଲେ ; କିନ୍ତୁ ଏ ପର୍ଯ୍ୟନ୍ତ ସଙ୍ଘର କର୍ମକର୍ତ୍ତାଙ୍କୁ ଡାକି କୌଣସି ଆଲୋଚନା କରାଯାଇନାହିଁ ; ଏମାନଙ୍କ ଦାବୀକୁ ସମ୍ମାନ ଦେଇ ହଜାର ହଜାର ଅସହାୟ ଆଉଟସୋର୍ସିଂ କର୍ମଚାରୀମାନଙ୍କର ଜୀବନ ଜୀବିକାକୁ ରକ୍ଷା କରିବା ଦିଗରେ ସରକାର କେବେ ପଦକ୍ଷେପ ନେବେ?

----

## ଅନୁଦାନ ବିନିଯୋଗ

6017 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଶୋଡଷ ଅର୍ଥ କମିଶନ ଓଡ଼ିଶାକୁ କେତେ ଅର୍ଥ ଦେବାପାଇଁ ଘୋଷଣା କରିଛନ୍ତି ଓ ଏହି ଅର୍ଥ ନୂଆ ନୂଆ project ପାଇଁ ନା as usual ପ୍ରଶାସନ ଚଳେଇବା ପାଇଁ ଖର୍ଚ୍ଚ ହେବ ?

----